ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 50 | 10 - 16 December 2023 | Sambalpur | Page- 8 | Invitation Price Rs.10

## ମାଲଗୁଣ୍ଡ ଠାରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର : ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମ ପଞ୍ଚାୟତର ମାଲଗୁଣ୍ଡ ଠାରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି । ଶ୍ରୀ ପ୍ରଧାନ ଏଥିରେ ଉଦ୍‌ବୋଧନ ଦେଇ ଆସନ୍ତା ୨୦୪୭ ମସିହା ପର୍ଯ୍ୟନ୍ତ ଭାରତକୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ସମସ୍ତେ ସଫଳ କରିବା ପାଇଁ ନିବେଦନ କରିଥିଲେ । ଦେଶରେ ମହିଳା ଯୁବକ କୃଷକ ଓ ଗରିବ ଆଗକୁ ଗଲେ ସମାଜ ସୁରକ୍ଷିତ ଓ ସ୍ୱାବଲମ୍ବୀ ହୋଇ ପାରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ନାଉରୀ ନାଏକ, ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ରୁକ୍ମଣୀ ମହାନନ୍ଦ, ଉପାଧ୍ୟକ୍ଷ ନରେନ୍ଦ୍ର କୁମାର ମିଶ୍ର, ପି.ଡି.ଡିଆରଡିଏ ଏବଂ ମାନେଶ୍ୱର ବିଡିଓ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଉପସ୍ଥିତ ଜନତାଙ୍କୁ ସଂକଳ୍ପ ପାଠ କରାଇଥିଲେ ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିବାହ ବାର୍ଷିକୀରେ ଶୁଭେଚ୍ଛା

ସମ୍ବଲପୁର : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ସହଧର୍ମିଣୀ ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ଶ୍ରୀମତୀ ମୃଦୁଳା ଠାକୁରଙ୍କ ବିବାହ ବାର୍ଷିକୀ ଅବସରରେ ଏମ୍.ସି.ଏଲ୍ ଅତିଥି ଭବନ ଠାରେ ବିଜେପିର ଜିଲ୍ଲାସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ସାକ୍ଷାତକାର କରି ଶୁଭେଚ୍ଛା ଜଣାଇଛନ୍ତି ।




## ମୋଦୀ ପୁଣି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱ ନେତାମାନଙ୍କ ମଧ୍ୟରେ ଗ୍ଲୋବାଲ୍ ରେଟିଂରେ ଶୀର୍ଷରେ ରହିଛନ୍ତି । 'ମର୍ଣ୍ଣିଂ କନସଲଟ'ର ସର୍ଭେ ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ୭୬ ପ୍ରତିଶତ ରେଟିଂ ସହ ସର୍ବାଧିକ ଲୋକପ୍ରିୟ ବିଶ୍ୱନେତା ହୋଇଛନ୍ତି । ଏହି ରେଟିଂ ୨୯ ନଭେମ୍ବରରୁ ୫ ଡିସେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ତଥ୍ୟ ଆଧାରରେ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ ମେକ୍ସିକୋ ରାଷ୍ଟ୍ରପତି ଏନଡ୍ରେଜ୍ ମାନୁଏଲ ଦ୍ୱିତୀୟ ଏବଂ ସୁଇଜରଲ୍ୟାଣ୍ଡ ରାଷ୍ଟ୍ରପତି ଏଲ.ଏନ୍. ବର୍ସେଟ୍ ରେଟିଂରେ ତୃତୀୟ ସ୍ଥାନରେ ରହିଛନ୍ତି । ଏହି ରେଟିଂରେ ପ୍ରଥମ ୭ଜଣଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ' ବାଇଡେନ୍ କିମ୍ବା ଚିନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ନାମ ନାହିଁ ।



## ପ୍ରଫେସର ପ୍ରଭାତ ମହାପାତ୍ର ପାଇବେ 'ବିଜୁ ପଟ୍ଟନାୟକ ପୁରସ୍କାର'

ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ପ୍ରଭାତ ମହାପାତ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏକାଡେମୀ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ୨୦୨୧ ବର୍ଷ ପାଇଁ ସମ୍ମାନଜନକ 'ବୈଜ୍ଞାନିକ ଉତ୍କର୍ଷତା ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର' ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ଜାନୁଆରି ୯ ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସମାରୋହରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ଦେବଗଡ଼ର ମୂଳବାସିନ୍ଦା ପ୍ରଫେସର ମହାପାତ୍ର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ରୂପେ ପରିଚିତ ଅଟନ୍ତି ।



## ପବିତ୍ର ମୋହନ ପ୍ରଧାନ ହାସ୍‌ପାତାଲ ଉଦ୍‌ଘାଟିତ

ଅନୁଗୁଳ : ତାଳଚେର ଠାରେ ୩ ଶହ ୩୦ ହଜାର ବିଶିଷ୍ଟ ପବିତ୍ର ମୋହନ ପ୍ରଧାନ ସରକାରୀ ହାସ୍ପାତାଲକୁ ଭିଡିଓ କନଫରେନ୍ସ ଯୋଗେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ତାଳଚେର ଠାରେ ଆୟୋଜିତ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଢେଙ୍କାନାଳ ଏମ୍.ପି. ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, କୋଲ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ୍. ପ୍ରସାଦ ଏବଂ ଏମ୍.ସି.ଏଲ୍ ଅଧ୍ୟକ୍ଷ କେଶବ ରାଓ ଯୋଗ ଦେଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ସଚୀବ ସାଲିନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଗୁଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି ହସ୍ପିଟାଲ ପାଇଁ ୨୦୧୫ ମସିହାରେ ତତ୍କାଳିନ କେନ୍ଦ୍ର କୋଇଲା ମନ୍ତ୍ରୀ ପିୟୁଷ ଗୋୟଲ ଭୂମି ପୂଜନ କରିଥିଲେ । ସେତେବେଳେ ସେଠାରେ ଥିବା ପୁରୁଣା ହସ୍ପିଟାଲରେ ୧୦୦ ଟି ଶଯ୍ୟା ଥିବାବେଳେ ଏମ୍.ସି.ଏଲ୍ ପକ୍ଷରୁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ୩୩୦ ଶଯ୍ୟା ସଂଖ୍ୟା ବିଶିଷ୍ଟ ହାସ୍ପାତାଲରେ ପରିଣତ କରାଯାଇ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା କରାଯାଇଥିଲା । ୨୦୧୯ ମସିହାରେ ମେଡିକାଲ କଲେଜର ନୂତନ ଭବନ ପ୍ରାୟ ୧୦ ଏକର ପରିମିତ ଜମିରେ ୫୦୦ କୋଟି ବ୍ୟୟରେ ପ୍ରସ୍ତାବିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚର ଉଦଘାଟନ କରାଯାଇଥିଲା । ପରେ ଏମସିଏଲ ପକ୍ଷରୁ ମେଡିକାଲକୁ ଚଲାଇବା ପାଇଁ ୫ ବର୍ଷ ପର୍ଯ୍ୟନ୍ତ ଅତିରିକ୍ତ ପ୍ରାୟ ୬୨୮ କୋଟି ଟଙ୍କା ଦିଆଯାଇଥିଲା । ଭାରତ ସରକାର ତଥା ଏମସିଏଲ୍ ପୁରୁଣା ମେଡିକାଲ କଲେଜର ଅପଗ୍ରେଡସନ ପାଇଁ ୫୦୦ କୋଟି ଲୋକାର୍ପିତ ନୂଆ ମେଡିକାଲ ପାଇଁ ୫୦୦ କୋଟି ଓ ମେଡିକାଲକୁ ୫ ବର୍ଷ ପାଇଁ ଚଲାଇବା ପାଇଁ ୬୨୮ କୋଟି ଟଙ୍କା ଅର୍ଥାତ୍ ସର୍ବମୋଟ୍ ୧୬୨୮ କୋଟି ରୁ ଅଧିକ ଟଙ୍କା ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଖର୍ଚ୍ଚ କରିଛି ।




## ଛତିଶଗଡ଼ରେ ଜିତିଲେ ଓଡ଼ିଆ ପୁଅ ପୁରନ୍ଦର

ସମ୍ବଲପୁର : ଛତିଶଗଡ଼ର ବୃହତ ଓଡ଼ିଆ ସମାଜର ସଭାପତି ପୁରନ୍ଦର ମିଶ୍ର ରାୟପୁର ନଗର ଉତ୍ତର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ବିଜେପିରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ମିଶ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର କୁଳଦୀପ ସିଂହ ଜୁନେଜାଙ୍କୁ ୨୩୦୫୪ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ଶ୍ରୀ ମିଶ୍ର ୫୪୨୭୯ ଖଣ୍ଡ ଭୋଟ୍ ପାଇଥିବା ବେଳେ ଶ୍ରୀ ଜୁନେଜା ୩୧୨୨୫ ଖଣ୍ଡ ଭୋଟ୍ ପାଇଛନ୍ତି । ଛତିଶଗଡ଼ର ବିଧାନସଭାରେ ଶ୍ରୀ ମିଶ୍ର ଏକମାତ୍ର ଓଡ଼ିଆ ବିଧାୟକ ହେବେ ବୋଲି ଜଣାପଡିଛି । ପୁରନ୍ଦର ମିଶ୍ର ଏବେ ୱାର୍ଲଡ ଓଡ଼ିଆ ସୋସାଇଟିର ଛତିଶଗଡ଼ ଶାଖାର ମୁଖ୍ୟ ପୃଷ୍ଠପୋଷକ ଥିବାବେଳେ ରାୟପୁରର ଗାୟତ୍ରୀ ନଗର ଠାରେ ଶ୍ରୀ ମିଶ୍ର ଛତିଶଗଡ଼ର ସବୁଠାରୁ ବଡ଼ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଛନ୍ତି ।



## ଏ ସଂଖ୍ୟାରେ..



ସପେଟାରେ ବିଭିନ୍ନ ରୋଗ ଦୂର


ବହୁମୂତ୍ରର ପ୍ରତିକାର


ଔଷଧୀୟ ଲହୁଣୀ


ସ୍ୱାସ୍ଥ୍ୟୋପକାରୀ ତେନ୍ତୁଳି


ଶରୀର ପାଇଁ ଭଲ କଫି


ମକାର ଉପକାରିତା

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ କୃଷି ମେଳା ଓ ବିଶ୍ୱ ମୃତ୍ତିକା ଦିବସ ପାଳିତ



ସମ୍ବଲପୁର : ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଫିତା କାଟି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଅଧାପକ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ସିଡ଼ିଏଓ ଗୌରୀ ଶଙ୍କର ସିଂ, ଜିଲ୍ଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଆସୋସିଏଟ ଡିନ କୃଷି ମହାବିଦ୍ୟାଳୟର ଚିପିଲିମା, ଡକ୍ଟର କୈଳାସ ଚନ୍ଦ୍ର ସାମଲ, ପିଡି ୱାଟରଶେଡ଼ ହରିବନ୍ଧୁ ସେଠ୍, ଚାଷୀନେତା ଶ୍ରୀ ସୁନୀଲ କୁମାର ମିଶ୍ର ଏବଂ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ଚିପିଲିମା ଡକ୍ଟର ସ୍ୱାଗତିକା ଶ୍ରୀଚନ୍ଦନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ ।

ଏହି ଅବସରରେ ଅବସରପ୍ରାପ୍ତ ଅଧାପକ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମ୍ବଲପୁର ମାଟି ବିଷୟରେ ଲେଖିଥିବା ପୁସ୍ତକର ଲୋକାର୍ପିତ ହୋଇଥିଲା । ସେହିପରି ୧୬ ଜଣ ଚାଷୀଙ୍କୁ ସେମାନଙ୍କ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା ।

ମେଳାର ଦ୍ୱିତୀୟ ଦିବସରେ ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ଶ୍ରୀ ଧ୍ରୁବ ଚରଣ ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୃଷି ବୈଜ୍ଞାନିକ କେନ୍ଦ୍ର ର କୃଷି ବୈଜ୍ଞାନିକ ଲିଙ୍ଗରାଜ ଦୀପ ଚାଷୀମାନଙ୍କ ସହ ପୋକରୋଗ, ଉଦ୍ଭିଦ ରୋଗ ଓ ଏହାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । କୃଷି ବୈଜ୍ଞାନିକ କେନ୍ଦ୍ର ର କୃଷି ବିଜ୍ଞାନୀ ଡକ୍ଟର ଅନନ୍ୟା ଜେନା ଜୈବିକ କୃଷି ଉପରେ ଆଲୋଚନା କରିଥିଲେ । ବିହନ ପ୍ରମାଣନ ଅଧିକାରୀ ଶିଶିର କୁମାର ପାଣିଗ୍ରାହୀ ଉନ୍ନତମାନର ବିହନ ସହ ରୋଗ ପ୍ରତିରୋଧୀ ବିହନ କିସମ ସମ୍ପର୍କରେ ଆଲୋଚନା କରିଥିଲେ ।

କୃଷି ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସଠିକ୍ ଉତ୍ତର ଦେଇଥିବା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କୃତ କରାଯାଇଥିଲା । କୃଷି ମେଳାରେ ଲଗାଯାଇଥିବା ୧୫ଟି ଷ୍ଟଲ- କୃଷି ଯନ୍ତ୍ରପାତି ଷ୍ଟଲ, ମିଲେଟ ଉତ୍ପାଦ ଷ୍ଟଲ, ୩୩ଟି ଦେଶୀ ଚାଉଳର ଷ୍ଟଲ, ଓରମ୍ବଉଡ ଟିର ସାର ଓ କୀଟନାଶକ ଷ୍ଟଲ, ଉଦ୍ୟାନ କୃଷି ବିଭାଗର ଷ୍ଟଲ, ମତ୍ସ୍ୟ ବିଭାଗ ର ଷ୍ଟଲ ଓ କୃଷକ ଉତ୍ପାଦକ ସଙ୍ଗଠନର ଷ୍ଟଲର ସମସ୍ତ ପ୍ରତିନିଧିଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଗଲା ।

ସିଡିଏଓ ଗୌରୀ ଶଙ୍କର ସିଂହ ସ୍ୱାଗତ ଭାଷଣ ଓ କୃଷି ଜିଲ୍ଲା ଅଧିକାରୀ ଉମା ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ସେଥି ମଧରେ ୨୨ ଗୋଟି ବ୍ୟକ୍ତିଗତ ଓ ୦୯ ଗୋଟି ସାମୁହିକ ଦରଖାସ୍ତ ରହିଥିବା ବେଳେ ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି । ଶିବିରରେ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅଶ୍ୱିନୀ କୁମାର ମେହେର ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଡ଼କ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ସୋନପୁର, ଡକ୍ଟର ଦୁର୍ଗା ପ୍ରସାଦ ଦାଶ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ, ଲକ୍ଷ୍ମଣ ଭୋଇ ଜିଲ୍ଲା ଶିକ୍ଷା ଅଧିକାରୀ, ସୁମତି ତ୍ରିପାଠୀ ଜିଲ୍ଲା ଅବକାରୀ ଅଧିକ୍ଷକ, ପ୍ରସନ୍ନ ପଟ୍ଟନାୟକ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ. ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଅଚ୍ୟୁତାନନ୍ଦ ସିଂ. ଡିଡବ୍ଲ୍ୟୁଓ ଅଶ୍ୱିନୀ କୁମାର ଭୋଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅର୍ଜୁନ ଚରଣ ମାଝୀ ଜିଲ୍ଲା ପଞ୍ଚାୟତ ଅଧିକାରୀ, ଡ଼ଃ ଅନନ୍ତ ରାଉତ ସି.ଡି.ଭି.ଓ , ଇଂ ବି ନରେନ କିଶନ ରେଡ୍ଡି, ନିର୍ବାହୀ ଯନ୍ତ୍ରୀ ଆରଡି. ଅଶୋକ ମିଶ୍ର,ନିର୍ବାହୀ ଯନ୍ତ୍ରୀ ଟିପି ଓଡବ୍ଲ୍ୟୁଓଡିଏଲ, ଇଂ ପ୍ରଫୁଲ୍ଲ ବେହେରା, ନିର୍ବାହୀ ଯନ୍ତ୍ରୀ ଏଲ ଆଇ ଡିଲେଶ୍ୱର ଖାକା,ଡି ଏଲ ଓ, ଡ.ସୋମ୍ୟାରୁପା ରଥ ତହସିଲଦାର ସୋନପୁର, ଶ୍ରୀ ମନୋରଞ୍ଜନ ପଣ୍ଡା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ ।

# ସଂସ୍କାରଗୁଡିକର ମହତ୍ତ୍ୱ

**ସଂ**ସ୍କାର ଶବ୍ଦର ଅର୍ଥ ହେଉଛି ପରିଶୋଧନ ଅଥବା ଶୁଦ୍ଧିକରଣ । ଯେତେବେଳେ ଜୀବାତ୍ମା ଗୋଟିଏ ଶରୀରକୁ ତ୍ୟାଗ କରି ଅନ୍ୟ ଗୋଟିଏ ଶରୀରରେ ଜନ୍ମ ନିଏ ତ ତା'ର ପୂର୍ବଜନ୍ମର ପ୍ରଭାବଗୁଡ଼ିକ ତା' ସାଥିରେ ଯାଇଥାଏ । ଏହି ପ୍ରଭାବଗୁଡ଼ିକର ବାହକ ସୂକ୍ଷ୍ମ ଶରୀର ହୋଇଥାଏ, ଯାହା ଜୀବାତ୍ମା ସହିତ ଗୋଟିଏ ସ୍ଥୂଳ ଶରୀରରୁ ଆଉ ଗୋଟିଏ ସ୍ଥୂଳ ଶରୀରକୁ ଯାଇଥାଏ । ଏହି ପ୍ରଭାବଗୁଡ଼ିକ ମଧରେ କିଛି ମନ୍ଦ ଓ କିଛି ଭଲ ହୋଇଥାଏ । ପିଲା ଭଲ ଓ ମନ୍ଦ ପ୍ରଭାବଗୁଡ଼ିକୁ ନେଇ ନୂତନ ଜୀବନରେ ପ୍ରବେଶ କରିଥାଏ ।

ସଂସ୍କାରଗୁଡ଼ିକର ଉଦ୍ଦେଶ୍ୟ ହେଉଛି ପୂର୍ବଜନ୍ମର ମନ୍ଦ ପ୍ରଭାବଗୁଡ଼ିକୁ ଧୀରେ ଧୀରେ ସମାପ୍ତ କରିବା ଏବଂ ଭଲ ପ୍ରଭାବଗୁଡ଼ିକର ଉନ୍ନତି କରିବା । ସଂସ୍କାରଗୁଡ଼ିକର ଦୁଇଟି ରୂପ ଥାଏ । ଗୋଟିଏ ଆନ୍ତରିକ ରୂପ ଓ ଅନ୍ୟଟି ବାହ୍ୟ ରୂପ । ବାହ୍ୟ ରୂପର ନାମ ହେଉଛି ରୀତି ପରମ୍ପରା । ଏହା ଆନ୍ତରିକ ରୂପର ରକ୍ଷା କରିଥାଏ ।

ଆମର ଏହି ଜୀବନରେ ପ୍ରବେଶ କରିବାର ମୁଖ୍ୟ ପ୍ରୟୋଜନ ହେଉଛି ପୂର୍ବଜନ୍ମରେ ଯେଉଁ ଅବସ୍ଥା ପର୍ଯ୍ୟନ୍ତ ଆମେ ଆତ୍ମିକ ଉନ୍ନତି କରିଛେ, ଏହି ଜନ୍ମରେ ତା'ଠାରୁ ଅଧିକ ଉନ୍ନତି କରିବା । ଆନ୍ତରିକ ରୂପ ହିଁ ଆମର ଜୀବନଚର୍ଯ୍ୟା । ଏହା କେତୋଟି ନିୟମ ଉପରେ ଆଧାରିତ, ଯାହା ଫଳରେ ମନୁଷ୍ୟ ଆତ୍ମିକ ଉନ୍ନତି କରିପାରେ । ଋକ୍‌ବେଦରେ ସଂସ୍କାରଗୁଡ଼ିକର ଉଲ୍ଲେଖ ନାହିଁ, କିନ୍ତୁ ଏହି ଗ୍ରନ୍ଥର କେତେକ ସୂକ୍ତରେ ବିବାହ, ଗର୍ଭାଧାନ ଓ ଅନ୍ତ୍ୟେଷ୍ଟି ସହିତ ସମ୍ବନ୍ଧିତ କେତେକ ଧାର୍ମିକ କୃତ୍ୟର ବର୍ଣ୍ଣନ ମିଳେ ।

ଯଜୁର୍ବେଦରେ କେବଳ ଶ୍ରୌତ ଯଜ୍ଞଗୁଡ଼ିକର ଉଲ୍ଲେଖ ଅଛି, ଏଥିପାଇଁ ଏହି ଗ୍ରନ୍ଥରୁ ସଂସ୍କାରଗୁଡ଼ିକର ବିଶେଷ ସୂଚନା ମିଳେ ନାହିଁ । ଅଥର୍ବ ବେଦରେ ବିବାହ, ଅନ୍ତ୍ୟେଷ୍ଟି ଓ ଗର୍ଭାଧାନ ସଂସ୍କାରଗୁଡ଼ିକର ପ୍ରଥମରୁ ଅଧିକ ବିସ୍ତୃତ ବର୍ଣ୍ଣନ ମିଳିଥାଏ । ଗୋପଥ ଓ ଶତପଥ ବ୍ରାହ୍ମଣରେ ଉପନୟନ ଗୋଦାନ ସଂସ୍କାରର ଧାର୍ମିକ କୃତ୍ୟଗୁଡ଼ିକର ଉଲ୍ଲେଖ ମିଳେ । ତୈତ୍ତରୀୟ ଉପନିଷଦରେ ଶିକ୍ଷା ସମାପ୍ତି ପରେ ଆଚାର୍ଯ୍ୟଙ୍କର ଦୀକ୍ଷାନ୍ତ ଶିକ୍ଷା ମିଳିଥାଏ । ଏହି ପରି ଗୃହ୍ୟସୂତ୍ର ଗୁଡ଼ିକ ପୂର୍ବରୁ ଆମକୁ ସଂସ୍କାରଗୁଡ଼ିକର ପୂରା ନିୟମ ମିଳି ନ ଥାଏ । ଏଥିରୁ ପ୍ରତୀତ ହୁଏ ଯେ ଗୃହ୍ୟ ସୂତ୍ରଗୁଡ଼ିକ ପୂର୍ବରୁ ପାରମ୍ପରିକ ପ୍ରଥାଗୁଡ଼ିକ ଆଧାରରେ ହିଁ ସଂସ୍କାର ହେଉଥିଲା । ସର୍ବପ୍ରଥମେ ଗୃହ୍ୟ ସୂତ୍ରଗୁଡ଼ିକରେ ହିଁ ସଂସ୍କାର ଗୁଡ଼ିକର ପୂରା ପଦ୍ଧତିର ବର୍ଣ୍ଣନ ମିଳିଥାଏ । ଗୃହ୍ୟ ସୂତ୍ରଗୁଡ଼ିକରେ ସଂସ୍କାରଗୁଡ଼ିକର ବର୍ଣ୍ଣନରେ ସର୍ବପ୍ରଥମେ ବିବାହ ସଂସ୍କାରର ଉଲ୍ଲେଖ ରହିଛି । ଏହା ପରେ ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, ଉପନୟନ ଓ ସମାବର୍ତ୍ତନ ସଂସ୍କାରଗୁଡ଼ିକର ବର୍ଣ୍ଣନ କରାଯାଇଛି ।

ଅଧିକାଂଶ ଗୃହ୍ୟ ସୂତ୍ରରେ ଅନ୍ତ୍ୟେଷ୍ଟି ସଂସ୍କାରର ବର୍ଣ୍ଣନ ମିଳେ ନାହିଁ । କାରଣ ଏପରି କରିବା ଅଶୁଭ ବୋଲି ବୁଝା ଯାଉଥିଲା । ସ୍ମୃତିଗୁଡ଼ିକର ଆଚାର – ପ୍ରକରଣ ଗୁଡ଼ିକରେ ସଂସ୍କାରଗୁଡ଼ିକର ଉଲ୍ଲେଖ ରହିଛି ଏବଂ ତତ୍ସମ୍ବନ୍ଧୀୟ ନିୟମ ଦିଆଯାଇଛି । ଏଥିରେ ଉପନୟନ ଓ ବିବାହ ସଂସ୍କାରର ବର୍ଣ୍ଣନ ବିସ୍ତାର ପୂର୍ବକ ଦିଆଯାଇଛି । କାରଣ ଉପନୟନ ସଂସ୍କାର ଦ୍ୱାରା ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ଆଶ୍ରମରେ ଏବଂ ବିବାହ ସଂସ୍କାର ଦ୍ୱାରା ଗୃହସ୍ଥ ଆଶ୍ରମରେ ପ୍ରବେଶ କରିଥାଏ ।

ସଂସ୍କାରଗୁଡ଼ିକର ଅଭିପ୍ରାୟ ସେହି ଧାର୍ମିକ କୃତ୍ୟଗୁଡ଼ିକ ସହିତ ଥିଲା, ଯାହା କୌଣସି ବ୍ୟକ୍ତିକୁ ନିଜ ସମୁଦାୟର ପୂର୍ଣ୍ଣ ରୂପେ ଯୋଗ୍ୟ ସଦସ୍ୟ କରାଇବା ହେତୁ ତା'ର ଶରୀର, ମନ ଓ ମସ୍ତିଷ୍କକୁ ପବିତ୍ର କରିବା ପାଇଁ କରାଯାଉଥିଲା । କିନ୍ତୁ ହିନ୍ଦୁ ସଂସ୍କାରଗୁଡ଼ିକର ଉଦ୍ଦେଶ୍ୟ ହେଲା, ବ୍ୟକ୍ତି ମଧରେ ଅଭୀଷ୍ଟ ଗୁଣଗୁଡ଼ିକୁ ମଧ ଜନ୍ମ ଦେବା ।

ବୈଦିକ ସାହିତ୍ୟରେ ସଂସ୍କାର ଶବ୍ଦର ପ୍ରୟୋଗ ମିଳେ ନାହିଁ । ସଂସ୍କାରଗୁଡ଼ିକର ବିବେଚନ ମୁଖ୍ୟ ରୂପେ ଗୃହ୍ୟ ସୂତ୍ରଗୁଡ଼ିକରେ ହିଁ ମିଳିଥାଏ । କିନ୍ତୁ ଏଥିରେ ମଧ ସଂସ୍କାର ଶବ୍ଦର ପ୍ରୟୋଗ ଯଜ୍ଞ ସାମଗ୍ରୀର ପବିତ୍ରୀକରଣ ଅର୍ଥରେ କରାଯାଇଛି । ବୈଖାନସ ସ୍ମୃତି ସୂତ୍ରରେ ସର୍ବପ୍ରଥମେ ଶରୀର ସମ୍ବନ୍ଧୀୟ ସଂସ୍କାର ଓ ଯଜ୍ଞ ମଧରେ ସ୍ପଷ୍ଟ ଅନ୍ତର ମିଳିଥାଏ ।

ମନୁ ଓ ଯାଜ୍ଞବଲ୍‌କ୍ୟଙ୍କ ଅନୁସାରେ ସଂସ୍କାରଗୁଡ଼ିକ ଦ୍ୱାରା ଦ୍ୱିଜମାନଙ୍କର ଗର୍ଭ ଓ ବୀଜର ଦୋଷାଦିର ଶୁଦ୍ଧି ହୋଇଥାଏ । କୁମାରିଲ (୬୫୦ ଖ୍ରୀଷ୍ଟାବ୍ଦ) ତନ୍ତ୍ରବାର୍ତ୍ତିକ ଗ୍ରନ୍ଥରେ ଏହାଠାରୁ କିଛି ଭିନ୍ନ ବିଚାର ପ୍ରକଟ କରିଛନ୍ତି । ତାଙ୍କ ଅନୁସାରେ ମନୁଷ୍ୟ ଦୁଇ ପ୍ରକାରେ ଯୋଗ୍ୟ ହୋଇଥାଏ– ପୂର୍ବ କର୍ମର ଦୋଷଗୁଡ଼ିକୁ ଦୂର କରିବା ଦ୍ୱାରା ଏବଂ ନୂତନ ଗୁଣଗୁଡ଼ିକର ଉତ୍ପାଦନ ଦ୍ୱାରା । ସଂସ୍କାର ଏ ଦୁଇଟି କାମ କରିଥାଏ ।

ଏହିପରି ପ୍ରାଚୀନ ଭାରତରେ ମନୁଷ୍ୟର ଜୀବନରେ ସଂସ୍କାରଗୁଡ଼ିକର ବିଶେଷ ମହତ୍ତ୍ୱ ଥିଲା । ସଂସ୍କାରଗୁଡ଼ିକ ଦ୍ୱାରା ମନୁଷ୍ୟ ନିଜର ଉପଯୁକ୍ତ ପ୍ରବୃତ୍ତିଗୁଡ଼ିକର ପୂର୍ଣ୍ଣ ବିକାଶ କରି ନିଜର ଓ ସମାଜର, ଉଭୟର କଲ୍ୟାଣ କରୁଥିଲା । ଏହି ସଂସ୍କାର କେବଳ ଏହି ଜୀବନରେ ହିଁ ମନୁଷ୍ୟକୁ ପବିତ୍ର କରି ନଥାଏ, ବରଂ ତା'ର ପାରଲୌକିକ ଜୀବନକୁ ମଧ ପବିତ୍ର କରିଥାଏ । ପ୍ରତ୍ୟେକ ସଂସ୍କାର ପୂର୍ବରୁ ହୋମ କରାଯାଉଥିଲା, କିନ୍ତୁ ବ୍ୟକ୍ତି ଯେଉଁ ଗୃହ୍ୟ ସୂତ୍ରର ଅନୁକରଣ କରୁଥିଲା, ତଦନୁସାର ଆହୁତିର ସଂଖ୍ୟା, ହବନ ପଦାର୍ଥ ଓ ମନ୍ତ୍ରଗୁଡ଼ିକର ପ୍ରୟୋଗ ନିର୍ଦ୍ଧାରିତ ହେଉଥିଲା ।

ଗୌତମ ଧର୍ମସୂତ୍ରରେ ସଂସ୍କାରଗୁଡ଼ିକର ସଂଖ୍ୟା ଚାଳିଶ କୁହାଯାଇଛି । ଏହି ଚାଳିଶ ସଂସ୍କାର ନିମ୍ନ ପ୍ରକାରର –

୧. ଗର୍ଭାଧାନ, ୨. ପୁଂସବନ, ୩. ସୀମନ୍ତୋନ୍ନୟନ, ୪. ଜାତକର୍ମ, ୫. ନାମକରଣ ୬. ଅନ୍ନପ୍ରାଶନ, ୭. ଚୂଡ଼ାକର୍ମ, ୮. ଉପନୟନ, ୯-୧୨. ବେଦର ଚାରି ବ୍ରତ, ୧୩. ସ୍ନାନ, ୧୪. ବିବାହ, ୧୫-୧୯. ପଞ୍ଚ ଦୈନିକ ମହାଯଜ୍ଞ, ୨୦-୨୬. ସାତ ପାକଯଜ୍ଞ, ୨୭-୩୩. ସାତ ହବିଯଜ୍ଞ ୩୪-୪୦, ସାତ ସୋମଯଜ୍ଞ ।

କିନ୍ତୁ ଅଧିକାଂଶ ଧର୍ମଶାସ୍ତ୍ରରେ ସଂସ୍କାରଗୁଡ଼ିକ ଅନ୍ତର୍ଗତ ବେଦର ଚାରିବ୍ରତ, ପଞ୍ଚ ଦୈନିକ ମହାଯଜ୍ଞ, ସାତ ପାକଯଜ୍ଞ, ସାତ ହବିଯଜ୍ଞ ଓ ସାତ ସୋମଯଜ୍ଞର ବର୍ଣ୍ଣନ କରାଯାଇ ନାହିଁ । ମନୁ ମହାରାଜ ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ, ଉପନୟନ, କେଶାନ୍ତ, ସମାବର୍ତ୍ତନ, ବିବାହ ଓ ଅନ୍ତ୍ୟେଷ୍ଟି ଆଦି ତେରଟି ସଂସ୍କାରର ଉଲ୍ଲେଖ କରିଛନ୍ତି । ମହର୍ଷି ଯାଜ୍ଞବଲ୍‌କ୍ୟ ମଧ ଏହି ସଂସ୍କାରଗୁଡ଼ିକର ବର୍ଣ୍ଣନ କରିଛନ୍ତି । କେବଳ କେଶାନ୍ତର ବର୍ଦ୍ଧନ ସେ କରି ନାହାନ୍ତି ; କାରଣ ଏହି କାଳ ବେଳକୁ ବୈଦିକ ଗ୍ରନ୍ଥଗୁଡ଼ିକର ଅଧୟନର ପ୍ରଚଳନ ବନ୍ଦ ହୋଇ ଯାଇଥିଲା ।

ପରେ ରଚନା କରାଯାଇଥିବା ପଦ୍ଧତିଗୁଡ଼ିକରେ ସଂସ୍କାରଗୁଡ଼ିକର ସଂଖ୍ୟା ଷୋହଳ ଦିଆଯାଇଛି । କିନ୍ତୁ ଗୌତମ ଧର୍ମସୂତ୍ର ଓ ଗୃହ୍ୟ ସୂତ୍ରରେ ଅନ୍ତ୍ୟେଷ୍ଟି ସଂସ୍କାରର ଉଲ୍ଲେଖ ନାହିଁ ; କାରଣ ଅନ୍ତ୍ୟେଷ୍ଟି ସଂସ୍କାରର ବର୍ଣ୍ଣନ କରିବା ଅଶୁଭ ମନେ କରାଯାଉଥିଲା । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନିଜର ସଂସ୍କାର ବିଧି ତଥା ପଣ୍ଡିତ ଭୀମସେନ ଶର୍ମା ନିଜର ଷୋଡ଼ଶ ସଂସ୍କାର ବିଧିରେ ଷୋହଳ ସଂସ୍କାରର ହିଁ ବର୍ଣନ କରିଛନ୍ତି । ଏହି ଦୁଇ ଲେଖକ ଅନ୍ତ୍ୟେଷ୍ଟିକୁ ଷୋହଳ ସଂସ୍କାରରେ ସମ୍ମିଳିତ କରିଛନ୍ତି ।

ଗର୍ଭାବସ୍ଥାରେ ଗର୍ଭଧାନ, ପୁଂସବନ ଓ ସୀମନ୍ତୋନ୍ନୟନ ତିନିଟି ସଂସ୍କାର ହୋଇଥାଏ । ଏହି ତିନି ସଂସ୍କାରର ଉଦ୍ଦେଶ୍ୟ ହେଲା- ମାତାପିତାଙ୍କ ଜୀବନଚର୍ଯ୍ୟା ଏପରି ହେବା ଉଚିତ, ଯଦ୍ୱାରା ଶିଶୁ ଉତ୍ତମ ସଂସ୍କାରଗୁଡ଼ିକୁ ନେଇ ଜନ୍ମ ହେବ । ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ମୁଣ୍ଡନ, କର୍ଣ୍ଣବେଧ – ଏହି ଛଅ ସଂସ୍କାର ପାଞ୍ଚ ବର୍ଷ ବୟସ ମଧରେ ସମାପ୍ତ ହୋଇଯାଏ । ବାଲ୍ୟ କାଳରେ ହିଁ ମନୁଷ୍ୟର ଅଭ୍ୟାସ ନିର୍ମିତ ହୁଏ, ଏଣୁ ଏହି ସଂସ୍କାରଗୁଡ଼ିକ ବହୁତ ଶୀଘ୍ର କରିବା କଥା କୁହାଯାଇଛି । ଉପନୟନ ଓ ବେଦାରମ୍ଭ ସଂସ୍କାର ବ୍ରହ୍ମଚର୍ଯ୍ୟାଶ୍ରମର ପ୍ରାରମ୍ଭରେ ପ୍ରାୟ ଏକାସାଙ୍ଗରେ ହୋଇଥାଏ । ସମାବର୍ତ୍ତନ ଓ ବିବାହ ସଂସ୍କାର ଗୃହସ୍ଥାଶ୍ରମ ପୂର୍ବରୁ ହୋଇଥାଏ ତାହାକୁ ବି ଏକାସାଙ୍ଗରେ ବୁଝିବା ଉଚିତ । ବାନପ୍ରସ୍ଥ ଓ ସନ୍ନ୍ୟାସ ସଂସ୍କାର ଏହି ଦୁଇ ଆଶ୍ରମର ଭୂମିକା ମାତ୍ର ଏହିପରି ସଂସ୍କାରଗୁଡ଼ିକର ଅତ୍ୟନ୍ତ ମହତ୍ତ୍ୱ ରହିଛି ବର୍ତ୍ତମାନ ପରିସ୍ଥିତିରେ ଏହି ସଂସ୍କାରଗୁଡ଼ିକର ଯଥାସମ୍ଭବ ପ୍ରୟୋଗ କରିବା ଉଚିତ ।

# ସମଗ୍ରତାରେ ପରିଭାଷିତ ଆଧାତ୍ମିକ ବ୍ୟକ୍ତିତ୍ୱ

ଦୁଇ ପ୍ରକାର ବ୍ୟକ୍ତିତ୍ୱ ରହିଛି- ଭୌତିକ ବ୍ୟକ୍ତିତ୍ୱ ଓ ଆଧାତ୍ମିକ ବ୍ୟକ୍ତିତ୍ୱ । ଭୌତିକ ବ୍ୟକ୍ତିତ୍ୱର ଯେଉଁ ରେଖା ଟଣାଯାଏ, ତାହା ଅନ୍ୟ ପ୍ରକାରର ହୋଇଥାଏ ।

ଅହଂକାର ଓ ସ୍ୱାର୍ଥର ରେଖାଗୁଡ଼ିକ ଦ୍ୱାରା ଯେଉଁ ବ୍ୟକ୍ତିତ୍ୱର ନିର୍ମାଣ ହୋଇଥାଏ, ତାହା ଭୌତିକ ବ୍ୟକ୍ତିତ୍ୱ ହୋଇଥାଏ । ଯେଉଁ ବ୍ୟକ୍ତି ମଧ୍ୟରେ ସ୍ୱାର୍ଥ ଓ ଅହଂକାରର ମାତ୍ରା ଯେତିକି କମ୍ ହେବ, ସେ ସେତିକି ଆଧାତ୍ମିକ ବ୍ୟକ୍ତିତ୍ୱ ବୋଲାଇବ । ଯେଉଁ ବ୍ୟକ୍ତିତ୍ୱର ନିର୍ମାଣ ସତ୍ୟତାର ଆଧାରରେ ହୋଇଥାଏ, କାଳ୍ପନିକ ରେଖାର ଆଧାରରେ ହୋଇ ନଥାଏ, ତାହା ଆଧାତ୍ମିକ ବ୍ୟକ୍ତିତ୍ୱ ହୋଇଥାଏ ।

ସମାଜରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ସମ୍ବନ୍ଧର । ବ୍ୟକ୍ତି ଏକାକୀ ନାହିଁ । ସେ ସାମାଜିକ ଜୀବନ ଜିଇଥାଏ । ସାମାଜିକ ଜୀବନର ଅର୍ଥ ହେଉଛି ସମ୍ବନ୍ଧଗୁଡ଼ିକର ଜୀବନ । ସମ୍ବନ୍ଧ ହିଁ ସମ୍ବନ୍ଧ । ପଦାର୍ଥ ସହିତ ସମ୍ବନ୍ଧ, ପରିବାର ସହିତ ସମ୍ବନ୍ଧ, ଗାଁ ଓ ରାଷ୍ଟ୍ର ସହିତ ସମ୍ବନ୍ଧ, ଏହି ସମ୍ବନ୍ଧଗୁଡ଼ିକର ପୂରା ଶୃଙ୍ଖଳା ରହିଛି । ସାମାଜିକ ସମ୍ବନ୍ଧ ତ୍ୟାଗ କରାଯାଇ ନ ପାରେ । ଆଧାତ୍ମିକ ବ୍ୟକ୍ତିକୁ ମଧ ସମ୍ବନ୍ଧଗୁଡ଼ିକର ଜୀବନ ବଞ୍ଚିବାକୁ ପଡ଼ିଥାଏ, କିନ୍ତୁ ଏ ଦୁଇ ପ୍ରକାର ଜୀବନରେ ବଡ଼ ଅନ୍ତର ଥାଏ ।

ଭୌତିକ ବ୍ୟକ୍ତି ଅହଂକାର ଓ ସ୍ୱାର୍ଥ ସହିତ ସମ୍ବନ୍ଧ ଯୋଡ଼ିଥାଏ । ତା'ର କୌଣସି ବି ସମ୍ବନ୍ଧ ଏପରି ହୋଇ ନ ଥାଏ, ଯାହାର ପୃଷ୍ଠଭୂମିରେ ଅହଂକାର ନ ଥାଏ ଅଥବା, ସ୍ୱାର୍ଥର ପ୍ରତିଚ୍ଛାୟା ନ ଥାଏ । ଦୁଇଟି ଯାକ ଥାଏ । 'ମୁଁ ଅଟେ' ଏହି ଅନୁଭୂତି ଏକ ଶାଶ୍ୱତ ଅନୁଭୂତି, ନିଜର ଅସ୍ତିତ୍ୱର ଅନୁଭୂତି । ଅହଂ ଅଗ୍ନି- ମୁଁ ଅଛି, କିନ୍ତୁ ମନୁଷ୍ୟ ଯେତେବେଳେ ଅହଂକାରର ପ୍ରୟୋଗ ସହିତ ଯୋଡ଼ି ହୋଇଯାଏ ସେତେବେଳେ 'ମୁଁ ଅଛି' ଏହି ଅସ୍ତିତ୍ୱ ସହିତ ଜଡ଼ିତ ପ୍ରୟୋଗ ହୋଇ ନଥାଏ, ପ୍ରତିଷ୍ଠା ସହିତ ଯୋଡ଼ି ହୋଇଥିବାର ପ୍ରୟୋଗ ହୋଇଥାଏ । ସେତେବେଳେ 'ମୁଁ ଅଛି'ର ଅର୍ଥ ହୋଇଯାଏ– 'ମୁଁ ଧନବାନ, ମୁଁ ଶାସକ, ମୁଁ ଶକ୍ତିଶାଳୀ ଆଦି ।

ଅସ୍ତିତ୍ୱ ବୋଧର ଅହଂ ବିପଦ ସୃଷ୍ଟି କରି ନଥାଏ, କିନ୍ତୁ ଅନ୍ୟ ଅହଂ ବହୁତ ବଡ଼ ବିପଦ ଉତ୍ପନ୍ନ କରିଦିଏ । ଅହଂ ବ୍ୟକ୍ତିକୁ ବାଣ୍ଟି ଦେଇଥାଏ । ଇଏ ଛୋଟ, ମୁଁ ବଡ଼ । ଏହା ମନୁଷ୍ୟ ମନୁଷ୍ୟ ମଧ୍ୟରେ ଏକ ଭେଦର ରେଖା ଟାଣି ଦେଇଥାଏ । ମନୁଷ୍ୟକୁ ବିଭକ୍ତ କରୁଥିବା ପ୍ରଥମ ରେଖା ହେଉଛି ଅହଂକାର । ସେ ନିଜେ ନିଜକୁ ଗୋଟିଏ ରୂପରେ ଏବଂ ଅନ୍ୟମାନଙ୍କୁ ଅନ୍ୟ ରୂପରେ ଦେଖୁଥାଏ । ମୁଁ କୁଳୀନ, ସେ କୁଳୀନ ନୁହେଁ । ମୁଁ ସୃଶ୍ୟ, ସେ ଅସ୍ପୃଶ୍ୟ ।

ଏ ସମସ୍ତ ଭେଦର ରେଖା ଅହଂକାରର ଆଧାରରେ ଟଣା ଯାଇଥାଏ । ସମଗ୍ର ସମାଜ ଏହି ରେଖାଗୁଡ଼ିକରେ ପରିପୂର୍ଣ୍ଣ । କେବେ କେବେ ବଡ଼ ଆଶ୍ଚର୍ଯ୍ୟ ଲାଗିଥାଏ, ଯେତେବେଳେ ଆମେ ଜାତିବାଦକୁ ଦେଖି ବିଚାର କରିବା, ତେବେ ଜାଣି ପାରିବା ଯେ ଏହା ଦ୍ୱାରା କେତେ ବିଭକ୍ତିକରଣ ହୋଇଛି । ପ୍ରାରମ୍ଭିକ ସମାଜ ଚତୁର୍ବର୍ଗ-ଚାରି ବର୍ଗରେ ହିଁ ବିଭକ୍ତ ଥିଲା । ତା' ପରେ ବିଭାଗ ଓ ଭେଦର- ରେଖାଗୁଡ଼ିକ ଏତେ ଅଧିକ ହୋଇଯାଇଛି ଯେ ମନୁଷ୍ୟ କେଉଁଠି ଅଛି, ତାହାର ଠିକଣା ଜଣାପଡୁ ନାହିଁ । ଗୋଟିଏ ଜାତି ମଧ୍ୟରେ ଏତେ ଉପଜାତି ରହିଛି ଯେ ମନୁଷ୍ୟ ତାହାର ତଳେ ଦବି ଯାଇଛି, ତା'ର ଠିକଣା ନାହିଁ ।

ଦ୍ୱିତୀୟ ତତ୍ତ୍ୱ ହେଉଛି ସ୍ୱାର୍ଥ । ଏହା ମଧ ମନୁଷ୍ୟକୁ ବାଣ୍ଟିଥାଏ । ସ୍ୱାର୍ଥର ଅର୍ଥ ହେଉଛି- ମୋର, କେବଳ ମୋ ପାଇଁ । ଯାହା ସହିତ ମୋର ଶବ୍ଦ ଯୋଡ଼ି ହୋଇଗଲା, ତାହା ଭିନ୍ନ ବସ୍ତୁ ହୋଇଗଲା ଏବଂ ଯାହା ସହିତ ତୋର ଶବ୍ଦ ଯୋଡ଼ି ହୋଇଗଲା, ତାହା ଭିନ୍ନ ବସ୍ତୁ ହୋଇଗଲା । ମନୁଷ୍ୟ ମଧ ଅଲଗା ହୋଇଗଲା । 'ମୋର ପୁଅ'ରେ ପୁଅ ଅଲଗା ହୋଇଗଲା, ମୋର ଅଲଗା ହୋଇଗଲା । ତାହା ମଧ ବାଣ୍ଟି ହୋଇଗଲା । ମୋର ଘର ଆଉ ତୋର ଘର, ଏକ ପାଚେରି ଠିଆ କରି ଦିଆଗଲା । ଦୁଇ ସହୋଦର ଭାଇ ଯେବେ 'ମୋର, ମୋର' କହନ୍ତି ତ ତାଙ୍କ ଭିତରେ ପାଚେରି ପଡ଼ିଯାଏ । ଅହଂକାର ବ୍ୟକ୍ତିକୁ ବାଣ୍ଟିଦେଲା । ସ୍ୱାର୍ଥ ମଧ ବ୍ୟକ୍ତିକୁ ବାଣ୍ଟିଦେଲା । ଏହି ପ୍ରକାର ଭୌତିକ ବ୍ୟକ୍ତିତ୍ୱର ଅର୍ଥ ହେଉଛି ବ୍ୟକ୍ତିମାନଙ୍କୁ ଭାଙ୍ଗିବା–ବାଣ୍ଟିବା । ଆଧାତ୍ମିକ ବ୍ୟକ୍ତି ଭାଙ୍ଗେ ନାହିଁ, ଯୋଡ଼ିଥାଏ । ସେଠାରେ ଭାଙ୍ଗୁଥିବାର କୌଣସି ତତ୍ତ୍ୱ ନ ଥାଏ । ସତ୍ୟକୁ ପ୍ରକଟ କରିବା ପାଇଁ ଏହା ଘୋଷଣା କରାଯାଇଥିଲା- 'ଏକ୍କା ମଣୁସ୍‌ସଜାଇ' ମନୁଷ୍ୟ ଜାତି ଏକ ।

ଭୌତିକ ବ୍ୟକ୍ତିର ମୁଖରୁ ଏହି ଶବ୍ଦ କେବେ ଉଚ୍ଚାରିତ ହୋଇ ନପାରେ । ଯେଉଁ ମଞ୍ଚରେ ଏହା ଘୋଷଣା ହୋଇଥିଲା, ତାହା ଆଧାତ୍ମିକ ମଞ୍ଚ ଥିଲା । ସେଠାରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କୌଣସି ଭେଦ ଅନୁଭବ କରାଯାଇ ନ ଥିଲା । ମନୁଷ୍ୟ ଜାତି ବ୍ୟତୀତ ଅନ୍ୟ କୌଣସି ଜାତି ହିଁ ନ ଥିଲା । ପଦାର୍ଥର ଭୋଗ କରିବା ଏବଂ ପଦାର୍ଥ ସହିତ ମମତ୍ୱ ଯୋଡ଼ିବା– ଏ ଦୁଇଟି ଭିନ୍ନ କଥା । ଏ ଦୁଇଟି ଏକ ନୁହେଁ । ଆଧାତ୍ମିକ ବ୍ୟକ୍ତିତ୍ୱରେ ପଦାର୍ଥର ଉପଯୋଗ ଅବଶ୍ୟ ହୋଇଥାଏ, କିନ୍ତୁ ସେଥିରେ ମମତ୍ୱ ଯୋଡ଼ିହୋଇ ନ ଥାଏ । ସେଥିରେ 'ପଦାର୍ଥ' ଓ 'ମୋର' ଅଲଗା ରହିଥାଏ ଏବଂ ପରସ୍ପର ଯୋଡ଼ି ହୋଇ ନ ଥାଏ ।

ସମସ୍ତେ ଜାଣନ୍ତି ଯେ ମୋର କିଛି ବି ନାହିଁ, ତଥାପି କାଳ୍ପନିକ ରେଖା ଟଣା ଯାଇଥାଏ ଏବଂ ପ୍ରତ୍ୟେକକୁ 'ମୋର' ମାନି ନିଆଯାଏ । ମୋର କିଛି ବି ହୋଇ ନଥାଏ । ସବୁ ଭ୍ରମ ହୋଇଥାଏ । ଯେତେବେଳେ ମନୁଷ୍ୟ ଠକି ହୋଇଯାଏ, ସେତେବେଳେ ଆଭାସ ହୋଇଥାଏ ଯେ ତାହା ମୋର ନ ଥିଲା, ତାକୁ ମୋର ମାନି ବହୁତ ବଡ଼ ଭୁଲ କଲି । ସାରା ସଂସାର ଏହି ଧୋକାର ଅନୁଭୂତି କରି ସାରିଛି, କରୁଛି ଓ କରୁଥିବ ମଧ । ଏହା ଭୌତିକ ବ୍ୟକ୍ତିତ୍ୱର ପ୍ରକୃତି । ଏଥିରୁ ରକ୍ଷା ମିଳି ନ ଥାଏ ।

ଆଧାତ୍ମିକ ବ୍ୟକ୍ତିତ୍ୱ କେବଳ ଯଥାର୍ଥବାଦୀ ଦୃଷ୍ଟିକୋଣର ଆଧାରରେ ନିର୍ମିତ ହୋଇଥାଏ ଏବଂ ଭୌତିକବାଦୀ ବ୍ୟକ୍ତିତ୍ୱ କାଳ୍ପନିକ ରେଖାଗୁଡ଼ିକର ଆଧାରରେ ନିର୍ମିତ ହୋଇଥାଏ । ଏପରି କହିବା ଦ୍ୱାରା କାହାକୁ ଭ୍ରମ ହେବା ଉଚିତ ନୁହେଁ ଯେ ଆଧାତ୍ମିକ ବ୍ୟକ୍ତି ପଦାର୍ଥର ଉପଭୋଗ କରେ ନାହିଁ ।

ସେ ପଦାର୍ଥର ଉପଯୋଗ ବା ଉପଭୋଗ କରିଥାଏ । ବାସ୍ତବରେ ସେ ହିଁ ପଦାର୍ଥର ଠିକ୍ ଉପଯୋଗ କରିଥାଏ । ଭୌତିକବାଦୀ ପଦାର୍ଥର ଉପଭୋଗ କମ୍ କରିଥାଏ । ସେ ପ୍ରତ୍ୟେକ ଜିନିଷ ସହିତ ଦୁଃଖକୁ ଯୋଡ଼ିଦିଏ । ଯେତେବେଳେ ଆଧାତ୍ମିକ ବ୍ୟକ୍ତିତ୍ୱ ତିଆରି ହୁଏ ସେତେବେଳେ ସର୍ବପ୍ରଥମେ ଅହଂକାର ଓ ସ୍ୱାର୍ଥର ଶୃଙ୍ଖଳାଗୁଡ଼ିକ ଭାଙ୍ଗିଯାଏ । ଯେତେବେଳ ପର୍ଯ୍ୟନ୍ତ ଏହି ଶୃଙ୍ଖଳା ଭାଙ୍ଗେ ନାହିଁ, ସେତେବେଳ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଆଧାତ୍ମିକତାର ନିର୍ମାଣ କରିପାରେ ନାହିଁ ।

ମନୁଷ୍ୟ ଯେଉଁ ଦୁଃଖ ଭୋଗୁଛି, ସେହି ଦୁଃଖର କର୍ତ୍ତା କିଏ ? ମନୁଷ୍ୟ ସ୍ୱୟଂ ନିଜେ ସମସ୍ୟାଗୁଡ଼ିକୁ ସୃଷ୍ଟି କରିଥାଏ । ତାହା ହିଁ ଦୁଃଖ ଉତ୍ପନ୍ନ କରିଥାଏ । ଜଣେ ପ୍ରିୟ ବ୍ୟକ୍ତି ଚାଲିଗଲା – ଯିଏ ଚାଲିଗଲା, ତାକୁ କୌଣସି ଦୁଃଖ ହୋଇ ନ ଥାଏ । ଯିଏ ଗଲା ତାକୁ କାହିଁକି ଦୁଃଖ ହେବ ? ପଛରେ ରହୁଥିବା ଲୋକେ ଦୁଃଖ କରନ୍ତି, କାନ୍ଦନ୍ତି, ଚିତ୍କାର କରନ୍ତି । ମରିବା ଲୋକ କ'ଣ ବିଳାପ କରି କାନ୍ଦେ- ସେ ବି ଏଠାରୁ ସଂପର୍କ ତୁଟାଇ ଯାଇଥାଏ, କିନ୍ତୁ ମରିବା ଲୋକ କାନ୍ଦେ ନାହିଁ । ଅନ୍ୟମାନେ ମାନି ନେଇଥିଲେ ଯେ ସେ ଆମର, ସେଥିପାଇଁ ହିଁ ସେମାନେ କାନ୍ଦନ୍ତି ।


ଏହା ସତ୍ୟର ଅତି କ୍ରମଣ, ସତ୍ୟକୁ ମିଥ୍ୟା କରିବାର ପ୍ରଯତ୍ନ ମାତ୍ର । ସମ୍ବନ୍ଧଗୁଡ଼ିକର ଏଇ ଦୁନିଆରେ କେହି କାହାର ନୁହେଁ – ଏହା ହେଉଛି ଶାଶ୍ୱତ ନିୟମ । ଯଦି କେହି କାହାର ହୋଇଥାନ୍ତା ତ ସେ କାହାକୁ ଛାଡ଼ିକରି ଯାଆନ୍ତା ନାହିଁ । ଆମେ ଏହା ଅନାଦି କାଳରୁ ଅନୁଭବ କରି ଆସୁଛେ ଯେ ବ୍ୟକ୍ତି ଚାଲିଯାଏ, ଧନ ଚାଲିଯାଏ, କ୍ଷମତା ଓ ସଂପଦ ଚାଲିଯାଏ । ଯଦି ଏହା ଯଥାର୍ଥ ହୋଇଥାନ୍ତା, ସମ୍ବନ୍ଧ ଶାଶ୍ୱତ ହୋଇଥାନ୍ତା । ତ କେବେ ବି ଯାଇ ନଥାନ୍ତା ।

ସମ୍ବନ୍ଧ ଶାଶ୍ୱତ ନୁହେଁ । ଶାଶ୍ୱତ ତ ଜୀବନ । ଭାବନାନୁସାର ସମ୍ବନ୍ଧ ତିଆରି ହୁଏ, ପରନ୍ତୁ ଆମେ ଏହି ସମ୍ବନ୍ଧଗୁଡ଼ିକ ମଧ୍ୟରେ ସ୍ୱୟଂକୁ ଦୂରେଇ ରଖିବା ଉଚିତ ଏବଂ କେବଳ ଅନ୍ୟମାନଙ୍କ ପାଇଁ ନିଜ କର୍ତ୍ତବ୍ୟର ନିର୍ବାହ କରିବା ଉଚିତ । ଏପରି କରିବା ଲୋକକୁ ହିଁ ଆଧାତ୍ମିକ ବ୍ୟକ୍ତିତ୍ୱ କୁହାଯାଏ । ଏଣୁ ଆମେ ନିଜର ବ୍ୟକ୍ତିତ୍ୱକୁ ସମଗ୍ର କରିବାର ପ୍ରୟାସ କରିବା ଆବଶ୍ୟକ ।

## ଆଜିର ଚିନ୍ତନ

ଯେପରି ସମୁଦ୍ର ସର୍ବଦା ଜଳରେ ପରିପୂର୍ଣ୍ଣ ଥାଏ ଏବଂ ସେଥିରେ ଯେତେ ନଦୀ ଆସି ମିଶିଲେ ସୁଦ୍ଧା ସେ ବରାବର ସ୍ଥିର ରହେ, ସେହିପରି ଯେତେ କାମନା ଉଦିତ ହେଲେ ସୁଦ୍ଧା ଯଦି କୌଣସି ବ୍ୟକ୍ତି ସେଥିରେ ବିଚଳିତ ହୁଏ ନାହିଁ, ତାହାହେଲେ ଏକ ମାତ୍ର ସେ ହିଁ ଶାନ୍ତି ପ୍ରାପ୍ତ ହୋଇପାରେ । କିନ୍ତୁ ଯେଉଁ ବ୍ୟକ୍ତି ସର୍ବଦା କାମନା ଚରିତାର୍ଥରେ ବ୍ୟସ୍ତ ସେ କଦାପି ଶାନ୍ତି ପାଇ ପାରିବ ନାହିଁ । ବିରାଟ ସମୁଦ୍ର ଯଦିଓ ସର୍ବଦା ଜଳରେ ପରିପୂର୍ଣ୍ଣ ହୋଇଥାଏ, ବର୍ଷା ଦିନରେ ସେଥିରେ ଯେତେ ପରିମାଣରେ ଜଳ ପ୍ରବେଶ କଲେ ସୁଦ୍ଧା ସେ ସେହିପରି ସ୍ଥିର ରହେ । ସେଥିରେ ଆଦୌ ଉଦ୍‌ବେଳନ ଦେଖାଦିଏ ନାହିଁ କିମ୍ବା ସେ ବେଳାଭୂମି ଲଂଘନ କରେ ନାହିଁ । କୃଷ୍ଣଚେତନାରେ ସ୍ଥିର ଥିବା ବ୍ୟକ୍ତି ପକ୍ଷରେ ଏହା ମଧ ପ୍ରଯୁଜ୍ୟ । ଯେପର୍ଯ୍ୟନ୍ତ ଏ ଜଡ ଶରୀର ଅଛି, ସେପର୍ଯ୍ୟନ୍ତ ଜଡେନ୍ଦ୍ରିୟର ତୃପ୍ତି କାମନା ରହିଛି । କିନ୍ତୁ ଭକ୍ତ ଏ ପ୍ରକାର କାମନାରେ ବିଚଳିତ ହୁଏ ନାହିଁ, କାରଣ ସେ ସର୍ବଦା କୃଷ୍ଣ ଭାବନାରେ ପରିପୂର୍ଣ୍ଣ ଥାଏ । କୃଷ୍ଣଚେତନଶୀଳ ବ୍ୟକ୍ତି କିଛି ଦରକାର କରେ ନାହିଁ, କାରଣ ଭଗବାନ ତାର ସମସ୍ତ ଭୌତିକ ଆବଶ୍ୟକତା ପୂରଣ କରନ୍ତି । ତେଣୁ ସେ ସମୁଦ୍ର ପରି ସର୍ବଦା ନିଜ ମଧ୍ୟରେ ପୂର୍ଣ୍ଣ । ସମୁଦ୍ର ମଧ୍ୟକୁ ନଦୀମାନଙ୍କ ପ୍ରବାହ ପରି କାମନାଗୁଡିକ ତା' ମଧ୍ୟରେ ପ୍ରବେଶ କରି ପାରନ୍ତି, କିନ୍ତୁ ସେ ତା' କର୍ମରେ ସ୍ଥିର ଥାଏ ଏବଂ ଇନ୍ଦ୍ରିୟତୃପ୍ତି ଜନିତ କାମନାରେ ସେ ଟିକିଏ ବି ବିଚଳିତ ହୁଏ ନାହିଁ । ଏହା ହେଉଛି କୃଷ୍ଣ ଚେତନଶୀଳ ବ୍ୟକ୍ତିର ପ୍ରମାଣ ବା ଲକ୍ଷଣ । ଯଦିଓ କାମନାଗୁଡିକ ଅଛନ୍ତି, ତଥାପି କୃଷ୍ଣଚେତନଶୀଳ ବ୍ୟକ୍ତି ଇନ୍ଦ୍ରିୟ ସୁଖଭୋଗ ନିମିତ୍ତ ଆଦୌ ଅଭିଳାଷୀ ନୁହେଁ । ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହୋଇ ସେ ବରାବର ସନ୍ତୁଷ୍ଟ ଥାଏ । ତେଣୁ ସେ ସମୁଦ୍ରପରି ସ୍ଥିର ରହିପାରେ ଏବଂ ସେଇଥପାଇଁ ସେ ପୂର୍ବଶାନ୍ତ ହିଁ ଉପଭୋଗ କରେ । ଅନ୍ୟମାନେ, ଯେଉଁମାନେ ମୁକ୍ତି କାମୀ ସେମାନେ କୌଣସି ପ୍ରକାର ଶାନ୍ତି ଲାଭକରି ପାରନ୍ତିନାହିଁ । ସେମାନଙ୍କ ପକ୍ଷରେ ଭୌତିକ ସଫଳତା କଥା ବା କ'ଣ କହିବା, କୌଣସି ଦିଗରେ ସେମାନେ ସଫଳତା ହାସଲ କରିପାରନ୍ତି ନାହିଁ । କର୍ମୀଗଣ ଅର୍ଥାତ ଭୁକ୍ତିକାମୀ, ମୁକ୍ତିକାମୀ ଏବଂ ସିଦ୍ଧିକାମୀ ଅର୍ଥାତ ଯେଉଁ ଯୋଗୀଗଣ ଯୋଗସିଦ୍ଧି କାମନାରେ ଲିପ୍ତ- ଏମାନେ ସମସ୍ତେ ଅଶାନ୍ତ । କାରଣ ଏମାନଙ୍କର ଏ ପ୍ରକାର କାମନାମାନ ରହିଛି ଏବଂ ସେ କାମନା ପରିପୂର୍ଣ୍ଣତା ଲାଭ କରିପାରେ ନାହିଁ । କିନ୍ତୁ କୃଷ୍ଣ ଚେତନଶୀଳ ବ୍ୟକ୍ତି କୃଷ୍ଣ ସେବାରେ ନିଯୁକ୍ତ ରହି ସର୍ବଦା ଦିବ୍ୟ ଆନନ୍ଦ ଓ ଶାନ୍ତି ଲାଭ କରୁଥାଏ, ତା'ର ଆଉ କୌଣସି କାମନା ପରିପୂର୍ଣ୍ଣ ହେବାର ନଥାଏ । ଏପରିକି ସେ ତଥାକଥିତ ଭୌତିକ ବନ୍ଧନ ମୁକ୍ତ ହେବାର ( ମୁକ୍ତି) କାମନା ମଧ ରଖି ନଥାଏ ଏବଂ ସେଇଥି ପାଇଁ ସେମାନେ ପୂର୍ଣ୍ଣ ଶାନ୍ତିଲାଭ କରିଥାନ୍ତି ।

# ଔଷଧୀୟ ଲହୁଣୀ



ଲହୁଣୀ ଏକ ଦୁଗ୍ଧ ଜାତୀୟ ଉତ୍ପାଦ । ଦହିକୁ ମନ୍ଥନ କରି ଏହାକୁ ବାହାର କରାଯାଏ । ଲହୁଣୀ ପ୍ରସ୍ତୁତି ପାଇଁ ଦହିର ଉପଯୋଗ ହେଉଥିବାରୁ ଲହୁଣୀରେ ପ୍ରୋଟିନ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ ସେଲେନିୟମ, ଆୟୋଡିନ୍ ରହିଥାଏ । କିନ୍ତୁ ହଳଦିଆ ଲହୁଣୀ ତୁଳନାରେ ଘର ତିଆରି ଧଳା ଲହୁଣୀ ସ୍ୱାସ୍ଥ୍ୟପାଇଁ ସର୍ବୋତ୍ତମ । ଏହା ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ସହ ସୌନ୍ଦର୍ଯ୍ୟ ଲାଗି ଉପାଦେୟ ।

ଲହୁଣୀ ଉତ୍ପାଦନ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି ।

ଦୁଇ ଚାମଚ ଲହୁଣୀରେ ପ୍ରାୟ ୮ ଗ୍ରାମ ଫ୍ୟାଟ୍ ରହିଥାଏ ।

ଲହୁଣୀର ସ୍ୱାଦ ସାଧାରଣତଃ ଏହାର ପ୍ରସ୍ତୁତି ପ୍ରଣାଳୀ ଉପରେ ନିର୍ଭର କରିଥାଏ ।

ଧାର୍ମିକ ଅନୁଷ୍ଠାନମାନଙ୍କରେ ଏହା ଖୁବ୍ ବ୍ୟବହାର କରାଯାଏ । ଲହୁଣୀ ଶିବ ଲିଙ୍ଗରେ ଘର୍ଷଣ କରାଯିବା ବେଳେ ପ୍ରସାଦ ଆଦି ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଏ ।

ଭଗବାନ ଶ୍ରୀକୃଷ୍ଣ ପ୍ରିୟ ଖାଦ୍ୟ ହେଉଛି ଲହୁଣୀ ।

ସାଧାରଣତଃ ରୁଟି, ପରଟା, ନାନ ଏବଂ ପାଉଁରୁଟି ସହ ଲହୁଣୀ ଖାଇବାକୁ ଭଲ ଲାଗେ ।

ପଞ୍ଜାବୀ ଖାଦ୍ୟ ପଦାର୍ଥରେ ଲହୁଣୀର ବହୁଳ ଉପଯୋଗ ହୋଇଥାଏ ।

ବେକେରିସପ୍‌ରେ କେକ୍, ପାଉଁରୁଟି, ପେଟିସ୍ ଆଦି ପ୍ରସ୍ତୁତିରେ ଲହୁଣୀର ଉପଯୋଗ କରାଯାଏ । ଏହାଦ୍ୱାରା କେକ୍ ନରମ ଏବଂ ସ୍ୱାସ୍ଥ୍ୟ ଉପଯୋଗୀ ।

ବଟର ଚିକେନ୍, ବଟର ପନିର ଆଦି ପ୍ରସ୍ତୁତି ସମୟରେ ପ୍ରଚୁର ପରିମାଣରେ ଲହୁଣୀ ପ୍ରୟୋଗ କରାଯାଏ ।

ପରଟା ଉପରେ ଲହୁଣୀର ଟୁକୁରା ପ୍ରତ୍ୟେକଙ୍କ ଦୃଷ୍ଟି ଆକର୍ଷଣ କରେ ।

ବଡି ବିଲ୍ଡିଂ ବା ନିୟମିତ ଜିମ୍ ଯାଉଥିବା ଯୁବକଙ୍କ ପାଇଁ ଲହୁଣୀ ଖାଇବା ଖୁବ୍ ଫଳପ୍ରଦ ।

ଅନ୍ୟ ତେଲ ଅପେକ୍ଷା ଲହୁଣୀର ଦାମ୍ ଖୁବ୍ ଅଧିକ ହୋଇଥିଲେ ହେଁ ଅନେକ ଲୋକ ଛଣାଛଣି ପାଇଁ ଲହୁଣୀ ବ୍ୟବହାର କରନ୍ତି ।

ଲହୁଣୀ ଇଣ୍ଟେଲିଜେନ୍ସ ବୁଷ୍ଟର ପରି କାମ କରେ । ଏହା ସ୍ମରଣଶକ୍ତି ବୃଦ୍ଧି କରିବା ସହ ଏକାଗ୍ରତା ଆଣେ ।

ଯଦି କଥା କଥାରେ ପାଟି ଲାଗୁଛି । ତେବେ ଆପଣଙ୍କ ପାଇଁ ଲହୁଣୀ ଏକ ଉତ୍ତମ ଔଷଧ । ଏଥିପାଇଁ ନାଲି ଲଙ୍କା ଗୁଣ୍ଡକୁ ଗରମ ଲହୁଣୀରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ ଏବଂ ନିୟମିତ ସକାଳେ ଗୋଟିଏ ଚାମଚ ଖାଆନ୍ତୁ ।

ଲହୁଣୀ ନିଦ୍ରାହୀନତା ଦୂର କରେ ।

ଏଥିରେ ଥିବା ଲୌରିକ ଏସିଡ୍ ଫଙ୍ଗଲ ଇନ୍ ଫେକ୍ସନକୁ ଦୂର କରେ ।

ଲହୁଣୀରେ ଏରେସିଡୋନିକ୍ ଏସିଡ୍ ରହିଥାଏ, ଯାହା ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି ବୃଦ୍ଧି କରିଥାଏ ।

ଲହୁଣୀରେ ଉପଲବ୍ଧ ଚର୍ବି ଅଂଶ ଚର୍ମରେ ଚମକ ଆଣେ ।

ଧଳା ଲହୁଣୀରେ ଆୟୋଡିନର ପରିମାଣ ଅଧିକ ରହିଥାଏ, ଯାହା ଥାଇରଏଡ୍ ରୋଗୀଙ୍କ ପାଇଁ ବେଶ୍ ଉପାଦେୟ ।

ମେଡିକାଲ ରିସର୍ଚ୍ଚ କାଉନସିଲର ଅଧ୍ୟୟନ ମୁତାବିକ, ଦୈନିକ ଲହୁଣୀ ଖାଉଥିବା ବ୍ୟକ୍ତିଙ୍କ ଠାରେ ହୃଦରୋଗର ଆଶଙ୍କା ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଏ ।

କର୍କଟ ପରି ମାରାତ୍ମକ ରୋଗ ପ୍ରକୋପରୁ ଲହୁଣୀ ରକ୍ଷା କରେ ।

ବର୍ଷ ୨୭, ସଂଖ୍ୟା- ୫୦, ୧୦ - ୧୬ ଡିସେମ୍ବର ୨୦୨୩

# ଖୁସିର ମାର୍ଗ

**ବେ**ଦରେ ଦୁଇ ପ୍ରକାର ଖୁସି ବିଷୟରେ ବର୍ଣ୍ଣନା କରାଯାଇଛି । ଗୋଟିଏ 'ଶ୍ରେୟ' ମାର୍ଗରେ ଅର୍ଜିତ ଖୁସି ଏବଂ ଅନ୍ୟଟି 'ପ୍ରେୟ' ମାର୍ଗରେ ଅର୍ଜିତ ଖୁସି । ସରଳତମ ଅର୍ଥରେ 'ଶ୍ରେୟ' କୁ 'ଭଲ' ଏବଂ 'ପ୍ରେମ'କୁ ପ୍ରିୟ ବୋଲି ବୁଝିବାକୁ ହୁଏ । ଯାହା ବ୍ୟକ୍ତି ପାଇଁ ଭଲ, ତାକୁ ଶ୍ରେୟ କୁହାଯାଉଥିବା ବେଳେ ଯାହା ବ୍ୟକ୍ତିକୁ ପ୍ରିୟ ତାକୁ ପ୍ରେୟ ମାର୍ଗ କୁହାଯାଏ । ଏହି ମାର୍ଗରେ ଖୁବ ଶୀଘ୍ର ଓ ସହଜରେ ଖୁସି ମିଳେ । ମାତ୍ର ଭବିଷ୍ୟତରେ ଏହା ଅନେକ ତିକ୍ତ ଅନୁଭୂତି ସହ ସାମନା କରାଏ । ଅପରପକ୍ଷେ 'ଶ୍ରେୟ' ମାର୍ଗଟି ଶ୍ରେଷ୍ଠ ମାର୍ଗକୁ ଦର୍ଶାଏ ଏବଂ ଶ୍ରେଷ୍ଠ ମାର୍ଗ ଗୁଡ଼ିକ ସଦା କଷ୍ଟକର ଅଥଚ ପରବର୍ତ୍ତୀ ସମୟରେ ଏହା ଶାନ୍ତି ଓ ସୁଖ ଆଣିଦିଏ । ଏଭଳି ଖୁସି ପାଇଁ ଉଦ୍ୟମ ଓ ଆତ୍ମ- ଶୃଙ୍ଖଳାର ଆବଶ୍ୟକତା ରହିଥାଏ, ଯାହା ଭବିଷ୍ୟତକୁ ସୁଖଦ ଓ ସହଜ କରେ । ତେବେ ପ୍ରଶ୍ନ ଉଠେ ଯେ, ଏ ଦୁଇଟି ଯାକ ମାର୍ଗ ଭିନ୍ନ ଭିନ୍ନ କାହିଁକି ? ଯାହା ଆମର ପ୍ରିୟ ତାହା କଣ ଆମ ପାଇଁ ଭଲ ବା ଶ୍ରେଷ୍ଠ ନୁହଁ କି ?

କେତୋଟି ଉଦାହରଣ ମାଧମରେ ଏହାକୁ ବୁଝାଇବା ସହଜ ହୋଇପାରେ । ଯେପରିକି ଜଣେ ଅନିୟନ୍ତ୍ରିତ ଭାବରେ ଆକର୍ଷକ ଓ ମସଲାଯୁକ୍ତ ଖାଦ୍ୟ ଖାଇଲେ ସେହି କ୍ଷଣରେ ଖୁସି ପାଇଥାଏ, ମାତ୍ର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗିବା ସହ ରୋଗୀଟିଏରେ ପରିଣତ ହୁଏ । ଅପରପକ୍ଷେ ସୁସ୍ଥ ଖାଦ୍ୟ, ନିୟମିତ ବ୍ୟାୟାମ ଜନିତ ପରିଶ୍ରମ ଦ୍ୱାରା ଜଣେ ରୋଗମୁକ୍ତ ଜୀବନ ବଞ୍ଚିବା ସମ୍ଭବ ହୁଏ । ପ୍ରଥମଟି ଖୁସି ପାଇବାର ପ୍ରେୟ ମାର୍ଗ ହୋଇଥିବା ବେଳେ ଦ୍ୱିତୀୟଟି ଶ୍ରେୟ ମାର୍ଗ ଅନ୍ତର୍ଭୁକ୍ତ । ସେହିପରି ଶ୍ରେୟ ମାର୍ଗର ଆଉ କେତୋଟି ଉଦାହରଣ ହେଲା, ନିଜର ଅହଂକୁ ତ୍ୟାଗ କରି ଅନ୍ୟ ଆଗରେ କ୍ଷମା ପ୍ରାର୍ଥନା କରିବା । କୌଣସି ମହତ ଉଦ୍ଦେଶ୍ୟ ପାଇଁ ନିଜର ଅର୍ଥ, ସମୟ ଉଦ୍ୟମ ପ୍ରଚେଷ୍ଟାକୁ ବିନିଯୋଗ କରିବା, ଭୋରରୁ ନିଦ୍ରା ତ୍ୟାଗ କରି ସେହି ସମୟକୁ ଭଗବତ୍ ସେବାରେ ନିୟୋଜିତ କରିବା, ଶରୀର ଓ ମନକୁ ଖୁସି ଦେଉଥିବା କାର୍ଯ୍ୟରେ ଅର୍ଥ ବ୍ୟୟ ନ କରି ପଇସା ସଞ୍ଚୟ କରିବା ଇତ୍ୟାଦି ।


ବହୁ ଜ୍ଞାନୀ, ଗୁଣୀ ଓ ଅନୁଭବି ଲୋକ କହିଛନ୍ତି ଯେ ସହଜ ରାସ୍ତା ମନରେ ଲାଳସା ଜାଗ୍ରତ କରେ ସତ । ମାତ୍ର କଷ୍ଟକର ରାସ୍ତା ମନକୁ ସନ୍ତୋଷ ପ୍ରଦାନ କରେ । ଗୋଟିଏ ସୁବିଧା ଆଣି ଦିଏ ତ, ଅନ୍ୟଟି ସଂଘର୍ଷ, ତୃପ୍ତି ଓ ପୁରସ୍କାର ଆଣେ । ପ୍ରେୟ ମାର୍ଗ ଜନିତ ଖୁସି କ୍ଷଣିକ ହୋଇଥିବା ବେଳେ ଶ୍ରେୟ ମାର୍ଗଟି ବିବର୍ତ୍ତନଶୀଳ । ଏହା ସଦା ଆତ୍ମ- ଅନୁଶୀଳନ ସହ ଉନ୍ନତ ଚିନ୍ତାଧାରା ପୋଷଣ କରିବାକୁ ଉତ୍ସାହିତ କରେ । ଫଳରେ ବ୍ୟକ୍ତିର ଆତ୍ମବିଶ୍ୱାସ ବୃଦ୍ଧିପାଏ । ଆଗକୁ ଯାଇ ସେ ନିଜ ସହ ତା ଆଖପାଖର ଲୋକଙ୍କୁ ମଧ ସାହାଯ୍ୟ କରିବାକୁ ସକ୍ଷମ ହୁଏ । ଶ୍ରେୟ ମାର୍ଗରେ ଯାଉଥିବା ବ୍ୟକ୍ତିର କଲ୍ୟାଣ ହୁଏ, ମାତ୍ର ପ୍ରେୟ ମାର୍ଗ ଚୟନ କରୁଥିବା ବ୍ୟକ୍ତି ପ୍ରକୃତ ଲକ୍ଷ୍ୟରୁ ବିଚ୍ୟୁତ ହେବା ଦେଖାଯାଏ ।

ବାସ୍ତବତା ହେଉଛି ଜୀବନ ଆମକୁ ସବୁପ୍ରକାର ଖୁସି ଗୋଟିଏ ବଡ଼ ଥାଳିରେ ପରଷି ଦେଇଦିଏ, ଆବଶ୍ୟକତା ଅଛି ଆମେ ସେଥିରୁ କେଉଁଟି ଆମ ପାଇଁ ଠିକ୍ ତାକୁ ବାଛି ଆପଣେଇ ନେବା । ଦୀର୍ଘସ୍ଥାୟୀ ଖୁସି ପାଇଁ ପ୍ରାରମ୍ଭିକ ସମୟରେ କଠିନ ରାସ୍ତା ଅନୁସରଣ କଲେ ଭବିଷ୍ୟତ ସୁଖମୟ ହୁଏ । ଏଣୁ ଆମକୁ କ୍ଷଣସ୍ଥାୟୀ 'ପ୍ରେୟ' ମାର୍ଗକୁ ଚୟନ ନ କରି 'ଶ୍ରେୟ' ମାର୍ଗଟିକୁ ଅନୁସରଣ କରିବା ଉଚିତ । ବୁଦ୍ଧିମାନ ବ୍ୟକ୍ତି 'ପ୍ରିୟ' ବଦଳରେ 'ଶ୍ରେଷ୍ଠ' କୁ ଚୟନ କରନ୍ତି ; ମାତ୍ର ଲାଭ ଓ ସୁରକ୍ଷା ପାଇବା ଆଶାରେ ମୂର୍ଖ ପ୍ରେୟ ମାର୍ଗକୁ ଚୟନ କରେ । ଶ୍ରେୟ ମାର୍ଗରେ ଯିବା ପାଇଁ ନିଜର ଅନ୍ତର ଭିତରେ ଅନୁଭବ ହେଉଥିବା ପ୍ରକୃତ ଖୁସିକୁ ଚୟନ କରିବାକୁ ହେବ, ଯାହାକୁ କୌଣସି ମୂଲ୍ୟ ଦେଇ କିଣିବା ସମ୍ଭବ ନୁହେଁ ବରଂ ତାକୁ ନିଜ ପ୍ରଚେଷ୍ଟା ଦ୍ୱାରା ରୋପଣ କରିବାକୁ ହେବ ।

ଧାର୍ମିକତା, ଆଧାତ୍ମିକତାର ପୁଣ୍ୟ ପଥରେ ଯିବା ମାନବ ପାଇଁ କଠିନ ନୁହେଁ, ଏହା ପାଇଁ କେବଳ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ । ବିବେକକୁ ଅନୁସରଣ କରି ପ୍ରଲୋଭନ ଦ୍ୱାରା ସ୍ଖଳିତ ନ ହୋଇ ସତ୍ ମାର୍ଗରେ ଗଲେ, ବସ୍ତୁତଃ ସେ ହିଁ ମାନବ ଶରୀର ଧାରଣ କରିବା ସାର୍ଥକ ହୁଏ । 'ଶ୍ରେୟ' ଓ 'ପ୍ରେୟ' ଦୁଇଟି ଯାକ ମାର୍ଗ ମାନବ ଆଗରେ ଉନ୍ମୋଚିତ । ଏହା ମାନବ ଉପରେ ହିଁ ନିର୍ଭର କରେ ସେ କେଉଁ ପଥ ବାଛିବ । ଠିକ ଯେମିତି ସଭ୍ୟ ସମାଜଟିଏର ରଚନା କିମ୍ବା ସାମ୍ପ୍ରତିକ ପରିସ୍ଥିତିର ପତନମୁଖୀ ସମାଜ ଉଭୟ ଆମ ଆଗରେ ! ଲକ୍ଷ ଲକ୍ଷ ଲୋକଙ୍କ ମଧରୁ ମାତ୍ର ହାତଗଣତି କିଛି ଜଣ ଶ୍ରେୟ ମାର୍ଗରେ ଯାଉଥିବା ବେଳେ ଅଧିକାଂଶ ପ୍ରେୟ ମାର୍ଗରେ ଯାଆନ୍ତି । କାରଣ ସହଜ ମାର୍ଗରେ ଯାଇ ଶୀଘ୍ର ଖୁସି ଲାଭ କରିବାର ଆଶା, ଆକାଂକ୍ଷା ସବୁବେଳେ ଆକର୍ଷଣୀୟ ଏବଂ କଠିନ ମାର୍ଗରେ ଯାଇ ଖୁସି ପାଇବାର ଉଦ୍ୟମ ସଦା ନିରସ ଓ ଆକର୍ଷଣ ଶୂନ୍ୟ !

# ଈଶ୍ୱରଙ୍କର ଶାସନ

## ମହାତ୍ମା ଗାନ୍ଧୀ



**ଆ**ଜି ପାଶ୍ଚାତ୍ୟ ଜଗତରେ ଲୋକେ ଯୀଶୁଖ୍ରୀଷ୍ଟଙ୍କ କଥା କହୁଛନ୍ତି, ମାତ୍ର ଖ୍ରୀଷ୍ଟ ବିରୋଧୀ ଶଇତାନ ହିଁ ସେମାନଙ୍କର ଜୀବନକୁ ପରିଚାଳିତ କରୁଛି । ସେହିପରି, ଏପରି ଲୋକମାନେ ଅଛନ୍ତି, ଯେଉଁମାନେ ଇସ୍‌ଲାମର କଥା କହୁଛନ୍ତି, ମାତ୍ର ବାସ୍ତବ ଜୀବନରେ ଶଇତାନ ଦେଖାଇ ଦେଉଥିବା ମାର୍ଗରେ ଯାଉଛନ୍ତି । ଏହା ପ୍ରକୃତରେ ଏକ ଅତ୍ୟନ୍ତ ଦୁର୍ଗତିପୂର୍ଣ୍ଣ ଅବସ୍ଥା । ... ଯଦି ଲୋକମାନେ ଈଶ୍ୱରଙ୍କର ବାଟରେ ଚାଲନ୍ତେ, ତେବେ ପୃଥିବୀରେ ଆମେ ଏବେ ଦେଖି ପାରୁଥିବା ଏହି ଯାବତୀୟ ଦୁର୍ନୀତି ଏବଂ ଲାଭଖୋରି ଆଦୌ ରହନ୍ତା ନାହିଁ । ବର୍ତ୍ତମାନ ଧନୀମାନେ ଅଧିକ ଧନୀ ହେଉଛନ୍ତି ଓ ଦରିଦ୍ରମାନେ ଅଧିକ ଦରିଦ୍ର ହେଉଛନ୍ତି । ଖାଦ୍ୟାଭାବ, ବସ୍ତ୍ରାଭାବ ଏବଂ ମୃତ୍ୟୁ ଆମର ସମ୍ମୁଖରେ କଟମଟ କରି ଆମକୁ ଅନାଇ ରହିଛନ୍ତି । ଏସବୁ ଆଦୌ ଈଶ୍ୱରଙ୍କର ସାମ୍ରାଜ୍ୟର ନିଦର୍ଶନ ନୁହେଁ, ଏସବୁ ଶଇତାନ, ରାବଣ ଓ ଖ୍ରୀଷ୍ଟବିରୋଧୀର ନିଦର୍ଶନ । କେବଳ ମୁହଁ ଉପରେ ବାରମ୍ବାର ଭଗବାନଙ୍କର ନାମକୁ ଉଚ୍ଚାରଣ କରି ଆମେ ପୃଥିବୀ ଉପରକୁ ତାଙ୍କର ସାମ୍ରାଜ୍ୟକୁ ଆଣି ପାରିବାନାହିଁ । ଆମର ଆଚରଣ ଶଇତାନର କଥା ନମାନି ତାଙ୍କରି କଥା ମାନିବ, ତେବେଯାଇ ହେବ ।

ମନୁଷ୍ୟମାନଙ୍କର ହୃଦୟରେ ଭଗବାନ ରାଜତ୍ୱ କରିବାକୁ ଆରମ୍ଭ କଲେ ଯାଇ ସେମାନେ ସେମାନଙ୍କର କ୍ରୋଧକୁ ପରିହାର କରି ପାରିବେ ।

ଭଗବାନଙ୍କର ଆଦେଶ ନାମରେ ପରିଚିତ ଯେତେ ଯେତେ ବିଶ୍ୱଜନୀନ ଆଚରଣବିଧି ରହିଛି, ସେଗୁଡ଼ିକୁ ବୁଝିବା ଭାରି ସରଳ ଏବଂ ସହଜ ଏବଂ, ଜଣେ ବ୍ୟକ୍ତିର ଇଚ୍ଛା ରହିଥିଲେ ସେ ସେଗୁଡ଼ିକୁ ଅତି ସହଜରେ ପାଳନ କରି ପାରିବ । ମନୁଷ୍ୟ ସମାଜକୁ ଆଜି ଯେଉଁ ଜଡ଼ତା ଗ୍ରାସ କରି ରହିଛି, ତାହାରି କାରଣରୁ ହିଁ ସେଗୁଡ଼ିକ ଏଡ଼େ କଠିନ ବୋଲି ବୋଧ ହୋଇଥାଏ । ମନୁଷ୍ୟ ଏକ ସତେ ଗତିଶୀଳ ସତ୍ତା । ପ୍ରକୃତି ଭିତରେ ଏପରି କିଛି ନାହିଁ ଯାହା ସ୍ଥିର ହୋଇ ରହିଯାଇଛି । କେବଳ ଈଶ୍ୱର ହିଁ ସ୍ଥିର ରହିଛନ୍ତି ; କାରଣ ସେ ଗତକାଲି ଯେପରି ଥିଲେ, ଆଜି ମଧ ସେହିଭଳି ଅଛନ୍ତି ଏବଂ ଆସନ୍ତାକାଲି ଠିକ୍ ସେହିପରି ରହିବେ । ତଥାପି ସେ ସତେ ଗତିଶୀଳ ହୋଇ ରହିଛନ୍ତି । ଈଶ୍ୱରଙ୍କର ଏହିସବୁ ଗୁଣଧର୍ମ ବିଷୟରେ ଆମର ଅବଶ୍ୟ ଚିନ୍ତିତ ହେବାର ଆଦୌ ଦରକାର ନାହିଁ । ଆମେ ଯେ ସତେ ଗତିଶୀଳ ହୋଇ ରହିଛୁ, ଆମକୁ ସେହି କଥା ଉପଲବ୍ଧି କରିବାକୁ ହେବ । ତେଣୁ ମୁଁ ଏହି ମତବ୍ୟକ୍ତ କରିବି ଯେ, ଯଦି ମନୁଷ୍ୟ ସମୂହକୁ ତିଷ୍ଠି ରହିବାକୁ ହୁଏ, ତେବେ ତାହାକୁ ଅଧିକରୁ ଅଧିକ ସତ୍ୟ ଓ ଅହିଂସାର ଶାସନ ମଧକୁ ଆସିବାକୁ ହେବ । ଆଚରଣର ଏହି ଦୁଇ ମୌଳିକ ବିଧାନକୁ ସମ୍ମୁଖରେ ରଖି ମୋତେ ଓ ତୁମକୁ କାର୍ଯ୍ୟ କରିବାକୁ ହେବ, ନିଜର ଜୀବନ ବଞ୍ଚିବାକୁ ହେବ ।

ଈଶ୍ୱରଙ୍କଠାରେ ପ୍ରତିଷ୍ଠିତ ହୋଇ ନଥିବା ମନ କେବଳ ଘୂରି ବୁଲିବାରେ ଲାଗିଥାଏ ଏବଂ ତା'ଭିତରେ ଏକ ଉପାସନା- ମନ୍ଦିରର ଗୁଣର ଅଭାବ ରହିଥାଏ ।

ଏହି ପୃଥିବୀରେ ମନ୍ଦ କାହିଁକି ରହିଛି, ଏହି ପ୍ରଶ୍ନର ଉତ୍ତର ଦେବା ଅତ୍ୟନ୍ତ କଷ୍ଟକର । ଜଣେ ଗ୍ରାମ୍ୟ ଲୋକ ଏହାର ଯେଉଁଭଳି ଉତ୍ତର ଦେଇଥାନ୍ତା, ମୁଁ କେବଳ ସେହିଭଳି ଉତ୍ତରଟିଏ ଦେଇପାରିବି । ଯଦି ଭଲ ରହିବ, ତେବେ ମନ୍ଦ ଅବଶ୍ୟ ରହିବ । ଠିକ୍ ଯେପରି ଯେଉଁଠାରେ ଆଲୁଅ ଥାଏ ସେଠାରେ ଅନ୍ଧାର ମଧ ରହିଥାଏ । ମାତ୍ର, କେବଳ ଆମ ନଶ୍ୱର ମନୁଷ୍ୟମାନଙ୍କର ପରିସ୍ ଭିତରେ ହିଁ ଏହି କଥାଟିକୁ ସତ୍ୟ ବୋଲି କୁହାଯିବ । ଈଶ୍ୱରଙ୍କ ଆଗରେ କିଛି ଭଲ ନାହିଁ କି କିଛି ମନ୍ଦ ନାହିଁ । ଆମେ ମୂଢ଼ ଗ୍ରାମୀଣମାନେ ମନୁଷ୍ୟର ଭାଷା ବ୍ୟବହାର କରି ତାଙ୍କର ବିଧାନ ବିଷୟରେ କଥା ହୋଇପାରିବା ସତ, ମାତ୍ର ଆମର ଭାଷାକୁ ତାଙ୍କର ଭାଷା ବୋଲି କଦାପି କହି ହେବନାହିଁ । ବେଦାନ୍ତ ଏହି ଜଗତକୁ ମାୟା ବୋଲି କହିଥାଏ । ଏପରିକି ସେହି ବ୍ୟାଖ୍ୟାଟିକୁ ମଧ ଅପୂର୍ଣ୍ଣ ମାନବତ୍ୱର ଏକ ପିଲାଳିଆ କଥା ବୋଲି କୁହାଯିବ । ତେଣୁ, ମୁଁ କହିବି ଯେ, ମୁଁ ଏବିଷୟରେ ଆଦୌ ମଥା ପୂରାଇବାକୁ ଯିବିନାହିଁ । ଏପରିକି, ଈଶ୍ୱରଙ୍କ ସଦନର ଏକାବେଳକେ ଭିତରେ ରହିଥିବା ଗମ୍ଭାରି ମଧକୁ ଉଙ୍କିମାରି ଅନାଇବାର ଅନୁମତି ମୋତେ ମିଳିଲେ ମଧ ମୁଁ ସେକଥା ଆଦୌ କରିବାକୁ ଯିବିନାହିଁ । କାରଣ, ସେଠାରେ ପହଞ୍ଚି ମୋତେ କ'ଣ କରିବାକୁ ହେବ, ସେବିଷୟରେ ମୁଁ କିଛି ଜାଣେନାହିଁ । ଉତ୍ତମ କାର୍ଯ୍ୟ କରିଥିବା ବ୍ୟକ୍ତି ପାଖରେ ଈଶ୍ୱର ସର୍ବଦା ଉପସ୍ଥିତ ରହିଥାନ୍ତି, ଆମର ଆଧାତ୍ମିକ ଅଭିବୃଦ୍ଧି ନିମନ୍ତେ ଏତିକି ଜାଣିଲେ ହିଁ ଯଥେଷ୍ଟ ହେବ । ତାହାକୁ ମଧ ଏକ ଗ୍ରାମୀଣର ବ୍ୟାଖ୍ୟା ବୋଲି କୁହାଯିବ ।

ବୁଦ୍ଧିର କୌଣସି ପ୍ରଣାଳୀ ଦେଇ 'ମୁଁ ମନ୍ଦ ପୃଥିବୀରେ କାହିଁକି ରହିଛି'ର ଉତ୍ତର ଦେଇ ପାରିବିନାହିଁ । ଏହି ଉତ୍ତର ଦେବାକୁ ଇଚ୍ଛା କରିବାର ଅର୍ଥ ଈଶ୍ୱରଙ୍କର ସମକକ୍ଷ ହେବା । ତେଣୁ ମୁଁ ମନ୍ଦର ଉପସ୍ଥିତିକୁ ବିନୟର ସହିତ କେବଳ ସ୍ୱୀକାର ହିଁ କରିନେବି । ମୁଁ ଯେ ଈଶ୍ୱର ଦୀର୍ଘକାଳ ଧରି କଷ୍ଟ ପାଉଛନ୍ତି ଏବଂ ଧୈର୍ଯ୍ୟ ଧରି ରହିଛନ୍ତି ବୋଲି କହିଥାଏ, ତା'ର ନିର୍ଭୁଲ କାରଣଟି ହେଉଛି ଯେ ସେ ଏହି ଜଗତରେ ମନ୍ଦକୁ ରହିବାଲାଗି ଅନୁମତି ଦେଇଛନ୍ତି । ତାଙ୍କ ଭିତରେ ଯେ କୌଣସି ମନ୍ଦ ନାହିଁ, ମୁଁ ସେକଥା ଜାଣିଛି । ସେ ମନ୍ଦର ସୃଷ୍ଟି କରିଛନ୍ତି, ମାତ୍ର ମନ୍ଦିର ଯାବତୀୟ ସ୍ପର୍ଶର ଅତୀତ ହୋଇ ରହିଛନ୍ତି ।

ମୁଁ ଏକଥା ମଧ ଜାଣିଛି ଯେ, ଜୀବନର ପଣ କରି ମଧ ଯଦି ମୁଁ ମନ୍ଦ ସହିତ ଓ ମନ୍ଦ ବିରୋଧରେ କୁସ୍ତି ନଲଢ଼ିବି, ତେବେ ମୁଁ କଦାପି ଭଗବାନଙ୍କୁ ଜାଣିବାକୁ ସମର୍ଥ ହେବିନାହିଁ । ମୋ'ର ନିଜର ଯତ୍‌ସାମାନ୍ୟ ଏବଂ ସୀମିତ ଅନୁଭବ ହିଁ ମୋ'ର ସେହି ବିଶ୍ୱାସକୁ ଦୃଢ଼ କରି ରଖିଛି । ମୁଁ ଯେତିକି ଅଧିକ ଶୁଦ୍ଧ ହେବାଲାଗି ଚେଷ୍ଟା କରୁଛି, ଭଗବାନଙ୍କର ସେତିକି ଅଧିକ ନିକଟ ହୋଇ ଆସୁଥିବା ପରି ଅନୁଭବ କରୁଛି । ଯେତେବେଳେ ମୋ'ର ବିଶ୍ୱାସ କେବଳ ନାମକୁ ମାତ୍ର ଏକ ବିଶ୍ୱାସ ହୋଇ ରହିବନାହିଁ ମାତ୍ର ହିମାଳୟ ପର୍ବତ ପରି ଅବିଚଳ ଏବଂ ତା' ଶୃଙ୍ଗଗୁଡ଼ିକ ଉପରେ ରହିଥିବା ବରଫ ପରି ଶୁଭ୍ର ଓ ଉଜ୍ଜ୍ୱଳ ହୋଇ ପାରିବ, ସେତେବେଳେ ମୁଁ ତାଙ୍କର ଆହୁରି କେତେ ନିକଟକୁ ଆସି ନଯିବି ।


ଏକ କଠୋର ବୈଜ୍ଞାନିକ ଅର୍ଥରେ ଈଶ୍ୱର ଉଭୟ ଭଲ ତଥା ମନ୍ଦର ମୂଳରେ ରହିଛନ୍ତି । ସେ ଜଣେ ଆତତାୟୀର ଛୁରାକୁ ଯେପରି ପରିଚାଳିତ କରି ନେଉଛନ୍ତି, ଶଲ୍ୟଚିକିତ୍ସକର ଅସ୍ତ୍ରକୁ ମଧ ଠିକ୍ ସେହିପରି ଭାବରେ ପରିଚାଳିତ କରୁଛନ୍ତି । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ମନୁଷ୍ୟର ପରିସ୍ ମଧରେ ଭଲ ଓ ମନ୍ଦ ପରସ୍ପର ଠାରୁ ସ୍ପଷ୍ଟଭାବରେ ଭିନ୍ନ ଓ ଅମେଳ ହୋଇ ରହିଛନ୍ତି, ସେମାନେ ଆଲୋକ ଓ ଅନ୍ଧକାରର, ଏବଂ ଈଶ୍ୱର ଓ ଶଇତାନର ପ୍ରତୀକ ହୋଇ ରହିଛନ୍ତି ।

ଭଗବାନ ହିଁ ଏହି ପୃଥିବୀରେ ମନ୍ଦ ଲାଗି ସ୍ଥାନ ଛାଡ଼ି ଦେଇଛନ୍ତି, ଏହି କଥାଟି କାନକୁ ଆଦୌ ଭଲ ଶୁଣାଯାଇ ନପାରେ । ମାତ୍ର ଯଦି ତାଙ୍କୁ ଭଲ ପାଇଁ ଦାୟୀ କରାଯାଏ, ତେବେ ତାଙ୍କୁ ମନ୍ଦ ପାଇଁ ମଧ ଅବଶ୍ୟ ଦାୟୀ କରାଯିବ । ଭଗବାନ ରାବଣକୁ ତା'ର ଅତୁଳ ଶକ୍ତିର ପ୍ରଦର୍ଶନ କରିବା ନିମନ୍ତେ ଅନୁମତି ଦେଇ ନ ଥିଲେ କି ? ଭଗବାନ ପ୍ରକୃତରେ କ'ଣ, ଏହି ବିଷୟରେ ବୁଝିବାର ଏକ ଅଭାବ ରହିଥିବାରୁ ହିଁ ମୂଳତଃ ଏହି କ୍ଷେତ୍ରରେ ହୁଏତ ଏକ ସଂଶୟ ଉପୁଜୁଛି । ଭଗବାନ ଜଣେ ବ୍ୟକ୍ତି ନୁହଁନ୍ତି । ସିଏ ହେଉଛନ୍ତି ସକଳ ବର୍ଣ୍ଣନାର ଅତୀତ । ସିଏ ସକଳ ବିଧାନର ନିର୍ମାତା, ସେଇ ହେଉଛନ୍ତି ବିଧାନ ଏବଂ ସେଇ ସକଳ ବିଧାନକୁ କାର୍ଯ୍ୟକାରୀ ମଧ କରୁଛନ୍ତି । କୌଣସି ମନୁଷ୍ୟ ସତ୍ତା ନିଜ ଉପରେ ଏହିସବୁ ଶକ୍ତିକୁ ଆରୋପ କରି ପାରିବନାହିଁ । ଯଦି ସେ ସେପରି କରିବ, ତେବେ ସମସ୍ତେ ତାକୁ ଗୋଟିଏ ବିଶୁଦ୍ଧ ଏକାଧିପତି ବୋଲି କହିବେ । ଯାହାଙ୍କୁ ଆମେ ଭଗବାନ ବୋଲି ଉପାସନା କରୁଛୁ, ସେମାନେ ସେହି ଭଗବାନରେ ହିଁ ପରିଣତ ହୋଇଯିବେ । ଏହାହିଁ ବାସ୍ତବ ସତ୍ୟ, ଏହି ସ୍ପଷ୍ଟ ବୋଧଟି ରହିଥିଲେ, ଭଗବାନ ଏହି ଜଗତରେ ମନ୍ଦଲାଗି ଅନୁମତି ଦେଇଛନ୍ତି କି ? ଏହି ପ୍ରଶ୍ନଟିର ଉତ୍ତର ଆମକୁ ମିଳିଯିବ । ଏପରି କୁହା ଯାଇଥାଏ ଯେ, ବାହାରଟା କେବଳ ଭିତରର ହିଁ ପ୍ରତିଫଳନ କରୁଛି । ଯଦି ତୁମେ ଭଲ ହୋଇଥିବ, ତେବେ ସମଗ୍ର ପୃଥିବୀ ମଧ ତୁମଲାଗି ଭଲ ହେବ । ଅନ୍ୟ ପକ୍ଷରେ, ଯଦି କାହାକୁ ମନ୍ଦ ବୋଲି ଦେଖିବାକୁ ନିଜ ଭିତରେ ଏକ ପ୍ରଲୋଭନ ଅନୁଭବ କରିବ, ମନ୍ଦ ଯେ ତୁମ ନିଜ ଭିତରେ ରହିଛି, ସେହି କ୍ଷେତ୍ରରେ ତାହାର ପୂର୍ଣ୍ଣ ସମ୍ଭାବନା ରହିଥିବ ।

ତେଣୁ ଆମେ ଅନ୍ୟମାନଙ୍କ ବିଷୟରେ ମନ୍ଦ ଚିନ୍ତା କରିବାନାହିଁ ଅଥବା ଅନ୍ୟମାନେ ଆମ ବିଷୟରେ ମନ୍ଦ ଚିନ୍ତା କରୁଛନ୍ତି ବୋଲି ସନ୍ଦେହ ମଧ କରିବାନାହିଁ । ମନ୍ଦ କଥାଗୁଡ଼ିକୁ କାନ ଦେବାଲାଗି ଯଦି ଆମ ଭିତରେ ପ୍ରବୃତ୍ତି ରହିଥିବ, ତେବେ ତାହା ବିଶ୍ୱାସର ଅଭାବ ରହିଛି ବୋଲି ହୁଏତ ସୂଚାଇ ଦେଉଥିବ ।

## ସପେଟାରେ ବିଭିନ୍ନ ରୋଗ ଦୂର

**ସ**ପେଟା ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ବିଭିନ୍ନ ପ୍ରକାର କର୍କଟ ଓ ତ୍ୱଚା ରୋଗ ଦୂର ହୋଇଥାଏ । କୋଷ୍ଠକାଠିନ୍ୟ, ଡାଇରିଆ, ଥଣ୍ଡା, କଫ ଆଦି ସମସ୍ୟା



ସପେଟା ଖାଇବା ଦ୍ୱାରା ଦେଖାଯାଏ ନାହିଁ । ଗର୍ଭଧାରଣ ସମୟରେ ଏହାକୁ ଖାଇବା ବହୁତ ଭଲ । ଏହା ଚିନ୍ତା ଦୂର କରିବା ସହ ଶକ୍ତି ବୃଦ୍ଧି କରେ । ଦାନ୍ତ ସୁସ୍ଥ ରଖିବା ସହ କିଡନୀ ଷ୍ଟୋନ୍ ଦୂର କରେ ଏବଂ ମାନସିକ ଅବସ୍ଥାକୁ ସୁଦୃଢ଼ କରେ ।

# ସ୍ୱର୍ବେଦ

**ମଲୟାଗିର ୱ୍ୱାୟୁ ଲଗେ, ୱୃକ୍ଷ ଗନ୍ଧ ରସ ଗୋୟ ।**
**ଦୁର ପରଦା ଲାଗେ ନହୀଁ, ଦୋଷ କଓ୍ୱନ କର ହୋୟ ॥୫୧॥**


ଭାଷ୍ୟ - ମଳୟ ଗିରିରୁ ପ୍ରବାହିତ ପବନର ସଂସ୍ପର୍ଶରେ ଆହୁରି ବୃକ୍ଷରାଜି ସୁଗନ୍ଧିତ ହୋଇଯାଆନ୍ତି । ଦୂରତା ଏବଂ ପରଦା ଥିବାରୁ ବାୟୁ ଛୁଇଁପାରେ ନାହିଁ । ତେଣୁ ମଳୟ ଗିରିର ଗୁଣରେ ତ୍ରୁଟି ହୋଇ ନ ପାରେ ।

**ମେଁହଦୀ କେ ପତ୍ତେ ଛିପୀ, ହରେ ପତ୍ତେ ମେଁ ଲାଲ ।**
**ୟୁଛି ହାଥ ପର ଉତରେ, ତ୍ୟୌଁ ହରି ପ୍ରକଟ କୃପାଲ ॥୫୨॥**

ଭାଷ୍ୟ - ମେହେନ୍ଦିର ସବୁଜ ପତ୍ରରେ ନାଲି ରଂଗ ଲୁକ୍କାୟିତ ଥାଏ, କିନ୍ତୁ ତାକୁ ଘଷିବା ଦ୍ୱାରା ତାର ଲାଲିମା ହାତରେ ଲାଗିଯାଏ । ସେହିଭଳି ସର୍ବତ୍ର ବ୍ୟାପକ ପ୍ରଭୁଙ୍କୁ ଯୋଗ ଯୁକ୍ତିରେ ପ୍ରତ୍ୟକ୍ଷ ଅନୁଭବ ଦ୍ୱାରା ଜ୍ଞାନ, ଆନନ୍ଦ ଓ ଶାନ୍ତି ପ୍ରାପ୍ତି ହୋଇଥାଏ । ପରମ ପ୍ରଭୁ ଯୋଗ ସାଧନା ଦ୍ୱାରା ଆତ୍ମାକୁ ପ୍ରତ୍ୟକ୍ଷ ହୋଇଥାନ୍ତି ଆଉ ଯୋଗୀ ପ୍ରକଟ ଅନୁଭବ କରି ପରମାନନ୍ଦରେ ନିମଗ୍ନ ହୋଇଯାଏ ।

**ଗୁପ୍ତ ଅଗିନ ହୈ କାଷ୍ଠ ମେଁ, ପ୍ରକଟ ଘିସେ ସେ ହୋୟ ।**
**ସର୍ବ୍ୱ୍ୟାପୀ ଅନ୍ତର କଣା, ପ୍ରକଟ ସାଧନା ସୋୟ ॥୫୩॥**

ଭାଷ୍ୟ - କାଠକୁ ଘଷିଲେ ସେଥିରେ ଗୁପ୍ତ ଭାବରେ ଲୁକ୍କାୟିତ ଥିବା ଅଗ୍ନି ପ୍ରକଟ ହୁଏ । ସେହି




ପ୍ରକାର ସର୍ବବ୍ୟାପୀ ପରମ ପୁରୁଷ ଯୋଗ ସାଧନର ପୁରୁଷାର୍ଥରୁ ଆତ୍ମାରେ ପ୍ରକଟ ହୁଅନ୍ତି ।

**ଘୃତ ଦୁଗ୍ଧ ମେଁ ମିଲ ରହା, ମଥନ ପ୍ରକଟ ଭୟ ସୋୟ ।**
**ରୋମ-ରୋମ ପୂରଣ କଣା, ଅନୁଭଓ୍ୱ ସାଧନ ହୋୟ ॥୫୪॥**

ଭାଷ୍ୟ - ଦୁଗ୍ଧକୁ ମନ୍ଥନ କରିବା ଦ୍ୱାରା ସେଥିରେ ମିଶିଥିବା ଘୃତ ପ୍ରକଟ ହୋଇଥାଏ । ସେହିଭଳି ନାମଧନୀ, ବ୍ୟପାକ ଶବ୍ଦ, ଯୋଗ ସାଧନା ଦ୍ୱାରା ରୋମ ରୋମରେ ପ୍ରକଟ ଅନୁଭବ ହୋଇଥାନ୍ତି ।

**ପୁଷ୍ପ ୱ୍ୱାସନା ମିଲ ରହୀ, ୟୁଛି ସେ ହୋୟ ଫୁଲେଲ ।**
**ବ୍ୟାପ୍ତ ସକଲ ବ୍ରହ୍ମାଣ୍ଡ ମେଁ, ଅନୁଗମ ଗତି ଭୟ ମେଲ ॥୫୫॥**

ଭାଷ୍ୟ - ଫୁଲରେ ମିଶିଥିବା ସୁଗନ୍ଧ ଯୁକ୍ତିରେ ତେଳରେ ଆସିଯାଏ, ସେହି ପ୍ରକାର ସମସ୍ତ ବ୍ରହ୍ମାଣ୍ଡରେ ବ୍ୟାପକ ପ୍ରଭୁ ଯୋଗ-ଯୁକ୍ତିରେ ପ୍ରଯତ୍ନ କରିବା ପରେ ପ୍ରାପ୍ତ ହୋଇଥାନ୍ତି ।

**ଅଲଲ ପକ୍ଷି କୈସେ ଚଲେ, କୈସେ ମାରଗ ଦେଖ ।**
**ଉଲଟ ଭେଦ ଗାମୀ ବନେ, ସହଜ ସିଂହାସନ ପେଖ ॥୫୬॥**

ଭାଷ୍ୟ - ଅଲଳ ପକ୍ଷୀ ଓଲଟା କେମିତି ଆକାଶରେ ନିଜର ମାର୍ଗକୁ ଦେଖି ଚାଲିଥାଏ ଓ ନିଜର ସ୍ଥାନରେ ପହଞ୍ଚି ଯାଏ ?

**ମଛଲୀ ନିଜ ମାରଗ ଚଲେ, ପନ୍ଥ ଭୁଲେ ନହିଁ ସୋୟ ।**
**ପନ୍ଥ ୱିହଙ୍ଗମ ମୀନ କା, ସହଜ ୟୋଗ ଗତି ହୋୟ ॥୫୭॥**

ଭାଷ୍ୟ - ଜଳରେ ମାଛ ନିଜ ମାର୍ଗରେ କେମିତି ଚାଲେ ଓ ପଥହୁଡ଼ା ହୁଏ ନାହିଁ । ଏହି ପ୍ରକାର ସହଜ ଯୋଗର ମାର୍ଗ ବିହଙ୍ଗମ ଆଉ ମୀନ ମାର୍ଗ ସମାନ ଅଟେ । ଯେମିତି ପକ୍ଷୀ ନିଜ ମାର୍ଗକୁ ଆକାଶରେ ଦେଖେ, ଏବଂ ମାଛ ଜଳରେ ନିଜ ମାର୍ଗକୁ ଦେଖି ଚାଲିଥାଏ, ଠିକ୍ ସେପରି ସହଜ ଯୋଗୀ ଶୂନ୍ୟ, ନିରାଧାରରେ ନିଜ ଚେତନ ଶକ୍ତି ଦ୍ୱାରା ଶବ୍ଦ ମାର୍ଗକୁ ଦେଖି ନିଜ ଧାମରେ ପହଞ୍ଚିଯାଏ ।

**ଚାତକ ପ୍ରଣ ପାଲନ କରେ, ପ୍ରାଣ ଜାୟ ତୋ ଜାୟ ।**
**ଏକ ବୁନ୍ଦ ଜଲ ନହିଁ ପିୱେ, ଏକ ଆଶ ରହି ଜାୟ ॥୫୮॥**

ଭାଷ୍ୟ - ଚକୋର ନିଜ ପ୍ରତିଜ୍ଞା ପାଳନ କରିଥାଏ । ସେ ଆହତ ହୋଇ ଜଳରେ ପଡ଼ିଲେ ସୁଦ୍ଧା ବୁନ୍ଦେ ହେଲେ ଜଳ ପାନ କରି ନ ଥାଏ, ବରଂ ମୁହଁକୁ ବନ୍ଦ କରି ନିଜ ପ୍ରାଣ ତ୍ୟାଗ କରିଥାଏ । ସେ କେବଳ ସ୍ୱାତୀ ନକ୍ଷତ୍ରର ଜଳ ହିଁ ପାନ କରିଥାଏ ।

**ସାଧକ ନିୟମିତ ରୂପ ମେଁ, ନିଶି ଦିନ କର ଅଭ୍ୟାସ ।**
**ନିୟମ ଚାଲ ଜଗ ପ୍ରକୃତି କା, ତ୍ୟୌଁ ସାଧକ କ୍ରମ ପାସ ॥୫୯॥**

ଭାଷ୍ୟ - ପ୍ରକୃତିର ସମସ୍ତ ବ୍ୟବହାର ନିୟମପୂର୍ବକ ଅଟେ । ସେହି ଭଳି ଯୋଗର ଅଭ୍ୟାସୀ ନିୟମପୂର୍ବକ, ନିଶିଦିନ ଯୋଗ ସାଧନା କରି ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ ।

**ତିଲ ସହସ୍ରୱାଁ ଭାଗ ମେଁ, ହଁସ ରୂପ ଅନୁମାନ ।**
**ସୁରତି ସୂକ୍ଷ୍ମ ଉସସେ ବନୀ, ଅନୁଗମ ନିରତି ପ୍ରମାନ ॥୬୦॥**

ଭାଷ୍ୟ - ତିଳର ସହସ୍ର ଭାଗର ପରିମାଣ ଜୀବାତ୍ମାର ସ୍ୱରୂପ ଅଟେ । ତାହାଠୁ ସୂକ୍ଷ୍ମ ସୁରତି ଅଟେ ଓ ତାହାଠୁ ମମଧ୍ୟ ସୂକ୍ଷ୍ମ ନିରତିର ସ୍ୱରୂପ ଅଟେ ।

**ମୃତ ଚକୋର କୀ ରୀତି ସେ, ଶବ୍ଦ ମେଁ ଦୃଷ୍ଟି ଲଗାୱ୍ୱ ।**
**ଗୁରୁ ପ୍ରଦେଶ ସୂରତି ଗଈ, ଅନୁଭଓ୍ୱ ଗମ୍ୟ ନ ପାଓ୍ୱ ॥୬୧॥**

ଭାଷ୍ୟ - କୈବଲ୍ୟ ଶବ୍ଦରେ ସୁରତି ଲଗାଇଲେ ତାହାର ପ୍ରାପ୍ତି ହେବ ନାହିଁ, ବରଂ ମୃଗୁଣୀ ତଥା ଚକୋର ପରି ଶବ୍ଦରେ ଅନ୍ତର୍ଦୃଷ୍ଟି କରଲେ ସାରଶବ୍ଦର ପ୍ରାପ୍ତି ହେବ । ଯେମିତି ମୃଗୁଣୀ ଶବ୍ଦକୁ ଶ୍ରବଣ କରି ସେଥିରେ ମୁଗ୍ଧ ହୋଇଯାଏ, ତାହାକୁ ନିଜ ଶରୀରର ସୁଧି ରହେନାହିଁ ଏବଂ ଚକୋର ଯେଉଁ ପ୍ରକାର ଏକ ଦୃଷ୍ଟିରେ ଚନ୍ଦ୍ରମାକୁ ଦେଖେ, ସେହି ପ୍ରକାର ବିବେକୀ ସନ୍ଥ ସାରଶବ୍ଦଙ୍କର ପ୍ରାପ୍ତିର ସାଧନା କରିଥାଏ ।

# ଯେମିତି ବିଚାର, ସେମିତି ପରିଣାମ

**ବି**ଶ୍ୱବ୍ରହ୍ମାଣ୍ଡ ଏକ ଚିରନ୍ତନ, ଶାଶ୍ୱତ ତଥା ଅପରିବର୍ତ୍ତନୀୟ ନିୟମ ଦ୍ୱାରା ପରିଚାଳିତ । ଏହାର ସ୍ୱରୂପ ଅନେକ, କିନ୍ତୁ ସବୁର ପରମ ଏବଂ ଚରମ ଲକ୍ଷ୍ୟ ଏକ ଓ ଅଭିନ୍ନ । ଆମେ କେତେକ ସ୍ୱରୂପ ସହ ପରିଚିତ, ମାତ୍ର ବାକି ସବୁ ସମ୍ପର୍କରେ ଆମେ ଏକବାରେ ଅଜ୍ଞ ଓ ଅନଭିଜ୍ଞ । ବିଜ୍ଞାନ ତମାମ ନିୟମ ଉର୍ଦ୍ଧ୍ୱରେ ତ ଆମେ ଜ୍ଞାନ ବିତରଣ କରିଚାଲୁ । କିନ୍ତୁ ବିଚାରସମୂହ ଦୁନିଆର ସେତିକି ଅଦ୍ଭୁତ ଆକର୍ଷଣ ଥିବା ନିୟମକୁ ନଜର ଅନ୍ଦାଜ କରିଥାଉ । ଫଳରେ ଆମର ଜୀବନ ଗଢ଼ି ହୋଇଯାଏ କିମ୍ବା ପଥହୁଡ଼ା ହୋଇ ବିଗିଡ଼ିଯାଏ । ଆମେ ଯେବେ ମନରେ କ'ଣ କିଛି ଭାବି ବିଚାରୁ ଏକ କମ୍ପନ, ସ୍ଫୁରଣ ଆମ ଭିତରେ ଉତ୍ପନ୍ନ ହୁଏ ଯାହାକି ସ୍ୱତଃପ୍ରବୃତ୍ତ ଓ ସ୍ୱାଭାବିକ । ଠିକ୍ ଯେପରି ଆଲୋକ, ଉତ୍ତାପ ବିଦ୍ୟୁତ୍ ଅଥବା ଚୁମ୍ବକର କମ୍ପନ ଭଳି । ଆମ ଇନ୍ଦ୍ରିୟଗୁଡ଼ିକ ଏହାକୁ ଅନୁଭବ କରିପାରେନା । ତେବେ ଏହାର ଅର୍ଥ ଏଇଆ ନୁହେଁ ଯେ ଏମାନଙ୍କର ଅସ୍ତିତ୍ୱ ନାହିଁ । ଆଲୋକ ବା ଉତ୍ତାପର କମ୍ପନ ତ ବିଚାରଧାରା ସମ୍ମୁଖରେ ଦୁର୍ବଳ ଓ ଅଶକ୍ତ । କେବଳ ଆମ ଆଭ୍ୟନ୍ତରଣରେ ସେମାନଙ୍କ ବେଗ ବା ଗତି ଥାଏ । ଆମେ ଯେବେ ଏସବୁ ତରଙ୍ଗର ଉତ୍ପତ୍ତି ଓ କାର୍ଯ୍ୟଶୈଳୀର ନିୟମ ସମ୍ପର୍କରେ ଜାଣିପାରିବା ଏମାନଙ୍କୁ ବି ସେମିତି ବ୍ୟବହାର କରିପାରିବା ଆମର ଦୈନନ୍ଦିନ ଜୀବନଚର୍ଯ୍ୟାରେ, ଠିକ୍ ଯେପରି ଆମେ ଉର୍ଜା ବା ଶକ୍ତିର ଅବଶିଷ୍ଟ ସ୍ୱରୂପଗୁଡ଼ିକୁ କରିଥାଉ ।

ପ୍ରତିଟି ତରଙ୍ଗକୁ ମାପିବା ସକାଶେ ଏହାର ଅନୁରୂପ ଉପକରଣର ଆବଶ୍ୟକତା ନିହାତି ଜରୁରୀ । ବିଚାର ତରଙ୍ଗକୁ ବୁଝିବା ଲାଗି ମସ୍ତିଷ୍କ ହିଁ ଏକମାତ୍ର ଉପକରଣ । ପ୍ରତି ସମୟ ଆମକୁ ଭିନ୍ନ ଭିନ୍ନ ତୀବ୍ରତାବିଶିଷ୍ଟ ବିଚାରଧାରାର ଆଦାନ ପ୍ରଦାନ କରିଥାଏ ଏବଂ ସେମିତିକା ପରିଣାମ ମଧ ଆମକୁ ପ୍ରାପ୍ତ ହୁଏ । ବିଚାର-ତରଙ୍ଗ କେବଳ ଯେ ଆମକୁ ପ୍ରଭାବିତ କରେ ତାହା ନୁହେଁ, ସେମାନଙ୍କ ଭିତରେ ଏପରି ଏକ ଶକ୍ତି ପ୍ରଚ୍ଛନ୍ନଭାବେ ନିହିତ, ଯାହା ଅନ୍ୟ ବିଚାର ପ୍ରବାହ, ପରିସ୍ଥିତି, ମାନବଜାତି, ବସ୍ତୁ ଓ ସର୍ବୋପରି ଆମର ନିୟତି ଅର୍ଥାତ୍ ଆମର ଆଗାମୀ କାଲିର ଅଙ୍ଗୀକୃତ କରିଥାଏ । ଆମର ଭବିଷ୍ୟ ଆମର ବିଚାରପ୍ରବାହରୁ ସୃଷ୍ଟି ହୁଏ ।

ବିଚାରସମୂହ ଇଲାକାରେ ସମରୂପୀ ବିଚାର ପରସ୍ପରକୁ ଆକର୍ଷିତ କରିଥାଏ । ଅର୍ଥାତ୍ ଯେମିତି ରୋପିବ ସେମିତି କାଟିବ । ସେମିତି ବିଚାର ରାଇଜରେ ମଧ । ତାତ୍ପର୍ଯ୍ୟ ଯେତିକି କରିବ, ସେତିକି ଭରିବ । ଯଦି କେହି ଜଣେ ବ୍ୟକ୍ତି ପ୍ରେମାପ୍ଲୁତ ହୋଇଯାଏ ତେବେ ଆଖପାଖରେ କେବଳ ତାକୁ ପ୍ରେମ ପ୍ରୀତି ଜଳଜଳ ହୋଇ ଦୃଶ୍ୟମାନ ହୁଏ । ସେହିପରି ଘୃଣା, ଅସୂୟା ତଥା ବିଦ୍ୱେଷ ଭାବାପନ୍ନ ବ୍ୟକ୍ତି ଭାଗ୍ୟରେ କେବଳ ନିନ୍ଦା ଓ ଘୃଣା ମିଳିଥାଏ । ଯଦି କେହି ବ୍ୟକ୍ତି କଳିଝଗଡ଼ା ବାବଦରେ ବିଚାର କରେ ତେବେ ତା'ର କାହାରି ସହ କଳିତକରାଳ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ଅତଏବ ବ୍ୟକ୍ତିର ତାହା ହିଁ ପ୍ରାପ୍ତି ଥାଏ' ଯାହାକୁ ସେ କାମନା କରିଥାଏ । ବିଚାରପ୍ରବାହର ଆକର୍ଷଣ ଏଭଳି ଗୋଟେ ବିଷୟ, ଯାହାକୁ ନେଇ ଆମେ ଗମ୍ଭୀରତାର ସହ ଚିନ୍ତନ କରିବା ବିଧେୟ । ଯେତେବେଳେ ଆମେ ନିଜସ୍ୱ ବିଚାରଧାରା- ଉପରେ ନିଘା ରଖିନେବା ଆମେ ଅନ୍ୟମାନଙ୍କ ମୁଣ୍ଡରେ ଦୋଷ ଲଦିବା କାହିଁକି ? ତେଣୁ ଏ କଥାକୁ ହୃଦୟଙ୍ଗମ କରିବାକୁ ପଡିବ ଯେ ମନୁଷ୍ୟ ଯେଉଁ ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷାରୋପ କରେ ବାସ୍ତବରେ ସେ ଖୋଦ୍ ଦାୟୀ ସେଥିପାଇଁ ।

ବିଚାରଧାରାରେ ଏତେମାତ୍ରାରେ ଶକ୍ତି ଥାଏ ଯେ ଆମର ସାରା ଜୀବନକୁ ବଦଳେଇ ଦେବାର ସାମର୍ଥ୍ୟ ରଖେ । ଯେଉଁ ବ୍ୟକ୍ତି ବିଚାରଶକ୍ତିର ସମୁଚିତ ବିନିଯୋଗ କରିବା ଜାଣିଥାଏ ସେ ନିଜକୁ ଯେମିତି ଇଚ୍ଛା ସେମିତି ଗଢ଼ି ତୋଳିପାରିବ । କାହାର ଶରୀର କେବଳ ଯେ ତା' ମନକୁ ନିୟନ୍ତ୍ରଣରେ ରଖିପାରେନି ତାହା ନୁହେଁ, ଏହା ମଧ ନକାରାତ୍ମକ ବିଚାର ସ୍ଥାନରେ ସକାରାତ୍ମକ ବିଚାରରୁ ସ୍ଥିତି, ଭାଗ୍ୟ ଅଥବା ଆପଣା ପରିସ୍ଥିତିକୁ ବି ପରିବର୍ତ୍ତିତ କରିପାରିବ । ତେଣୁ ବିଚାରସମୂହର ନିୟମକୁ ପ୍ରାଞ୍ଜଳ ଭାବେ ହୃଦ୍‌ବୋଧ କରି ତାକୁ ନିଜର ପ୍ରାତ୍ୟହିକ ଜୀବନରେ ସ୍ଥାନ ଦେବା ବାଞ୍ଛନୀୟ । ଜୀବନରେ ସୁଖ-ଅସୁଖ, ବ୍ୟାଧି, ଗରିବୀ ଇତ୍ୟାଦି ଯାହାସବୁ ଆସେ ତାହା ଆମ ବିଚାରର ହିଁ ପରିଣାମ । ସୁତରାଂ ଯେମିତିକା ବିଚାର ଆମେ ମନ ମସ୍ତିଷ୍କରେ ଆସ୍ଥାନ ଜମେଇବାକୁ ଦେଉ ଆମ ସମ୍ମୁଖରେ ସେମିତି ପରିସ୍ଥିତି ସୃଷ୍ଟି ହୋଇଯାଏ ।

# ବହୁମୂତ୍ରର ପ୍ରତିକାର

ମେଥି: ୨ ରୁ ୩ ଚାମଚ ମେଥି ଗୁଣ୍ଡ ପାଣିରେ ମିଶାଇ ଖାଲି ପେଟରେ ପ୍ରତିଦିନ ସକାଳୁ ପିଇଲେ ବହୁମୂତ୍ର ରୋଗ କମିଯାଏ । ଏହା ସହିତ ପାଖୁଡା ରସୁଣ ଖାଇଲେ ଅଧିକ ଉପକାର ମିଳେ ।

**କୋଳଥ:** ୧୫ ଗ୍ରାମ କୋଳଥକୁ ପାଣିରେ ଦିନେ ବତୁରାଇ ରଖନ୍ତୁ । ଏହାକୁ ଛାଣି ଖାଲି ପେଟରେ ପ୍ରତିଦିନ ପିଇଲେ ବହୁମୂତ୍ର ରୋଗ କମିଯାଏ ।



**ଜାମୁକୋଳି:** ପାଚିଲା ଜାମୁକୋଳି ମଞ୍ଜିକୁ ଗୁଣ୍ଡ କରନ୍ତୁ । ଏହି ଗୁଣ୍ଡକୁ ସକାଳେ ଖାଲି ପେଟରେ ଏକ ଚାମଚ ଖାଇଲେ, ବହୁମୂତ୍ର ରୋଗରୁ ମୁକ୍ତି ମିଳେ ।

**ଡିମିରି ଚେର:** ଏହି ଗଛର ଚେରକୁ ବାଟି ଏକ ମାଟି ପାତ୍ରରେ ରଖନ୍ତୁ । ଖାଲି ପେଟରେ ପ୍ରତିଦିନ ୨ ରୁ ୪ ଚାମଚ ଲେଖାଏଁ ଖାଇଲେ ବହୁମୂତ୍ର ରୋଗରୁ ଉପଶମ ମିଳିଥାଏ ।

## ଟିକିଏ ହସନ୍ତୁ

ପପୁ ତା' ବାପାଙ୍କୁ: ବାପା ଆମ ଘର ଟ୍ୟାପ୍‌ରୁ ଯୋଉ ପାଣି ବାହାରୁଛି ସେଇଟା କୋଉଠୁ ଆସୁଛି ?
ବାପା: ନଦୀରୁ ।
ପପୁ: ନଦୀ କେମିତିଆ ।
ବାପା: ଚାଲ ତତେ ମୁଁ ନଦୀ ଦେଖେଇବାକୁ ନେବି । ନଦୀ ପାଖରେ ପହଞ୍ଚିବା ପରେ ପପୁ ତା' ବାପାଙ୍କୁ ନଦୀକୁ ଠେଲି ଦେଇ ଘରକୁ ଦୌଡ଼ିଲା ।
ଘରେ ପହଞ୍ଚି ପପୁ ମାମାକୁ : ମାମା ଜଲ୍‌ଦୀ ଟ୍ୟାପ୍ ଖୋଲ । ବାପା ଟ୍ୟାପ୍ ଭିତରୁ ବାହାରିବେ ।

× × × × ×

ମିନୁ: ଆଜିର ଯୁଗରେ ସବୁଠାରୁ ସଚ୍ଚା ଓ ଭଦ୍ର କିଏ କହିଲୁ ?
ମଣ୍ଟୁ; ଯାହା ମୋବାଇଲ୍‌ରେ ପାସ୍‌ୱାର୍ଡ ନାହିଁ ।

× × × ×

ପପୁ ପ୍ଲାଟଫର୍ମରେ ବୁଲୁଥିଲା ।
ଟିଟି : ଟିକେଟ କାହିଁ ?
ପପୁ: ମୁଁ ଟ୍ରେନ୍‌ରେ ଆସିନି ।
ଟିଟି : ପ୍ରମାଣ କ'ଣ ଅଛି, ତମେ ଟ୍ରେନ୍‌ରେ ଆସିନ ?
ପପୁ: ମୋର ଟିକେଟ ନାହିଁ ।



× × × ×

ଶ୍ରେଣୀ ଗୃହରେ ଶିକ୍ଷୟିତ୍ରୀ ଶୋଇପଡ଼ିଥିଲେ । ଜଣେ ଛାତ୍ର ଉଠାଇ : ମ୍ୟାମ୍ ଆପଣ ଶୋଇ ପଡ଼ିଥିଲେ ?
ଶିକ୍ଷୟିତ୍ରୀ : ନା, ମୁଁ ତ ଆଖି ବନ୍ଦ କରି ଭଗବାନଙ୍କ ସହ କଥା ହେଉଥିଲି ।
କିଛିଦିନ ପରେ ସେହି ଛାତ୍ର ଜଣକ ଶ୍ରେଣୀ ଗୃହରେ ଶୋଇ ପଡ଼ିଥାଏ ।
ଏହା ଦେଖି ଶିକ୍ଷୟିତ୍ରୀ ରାଗିକି : କ୍ଲାସ୍ ରୁମରେ ଶୋଇଛୁ ? ରହ ତୋ ନିଦ ଭାଙ୍ଗୁଛି ।
ଛାତ୍ର ଉଠିପଡ଼ି : ମ୍ୟାମ୍ ମୁଁ ଶୋଇ ନ ଥିଲି । ମୁଁ ତ ଆଖି ବନ୍ଦ କରି କିଛି ସମୟ ଭଗବାନଙ୍କ ସହ କଥା ହେଉଥିଲି ।

× × × ×

ବୟଫ୍ରେଣ୍ଡ: ମୁଁ ଏମିତି ଗୋଟେ ଝିଅକୁ ବାହା ହେବାକୁ ଚାହୁଁଛି, ଯିଏ ସଜବାଜ ହୋଇ ରହୁଥିବ, ପରିଶ୍ରମୀ ଓ ଆଜ୍ଞାକାରୀ ହୋଇଥିବ, ଘରକୁ ବି ଭଲରେ ସଜାଡ଼ି ରଖୁଥିବ ।
ଗର୍ଲଫ୍ରେଣ୍ଟ: ତା'ହେଲେ ତୁ ଆମ ଘରକୁ ଆସି ଯା, କାରଣ ଏସବୁ ଗୁଣ ଆମ ଘରର ଚାକରାଣୀ ପାଖରେ ଅଛି ।

× × × × ×

ପତି (ପତ୍ନୀଙ୍କୁ ଫୋନ୍‌ରେ) : ତୁମେ ଖୁବ୍ ସୁନ୍ଦର !
ପତ୍ନୀ: ଥ୍ୟାଙ୍କ୍ ୟୁ !
ପତି : ତୁମେ ଦେଖିବାକୁ ରାଜକୁମାରୀ ପରି ଲାଗ !
ପତ୍ନୀ: ଥ୍ୟାଙ୍କ୍ ୟୁ ସୋ ମଚ ! ଏବେ କୁହ ତୁମେ କ'ଣ କରୁଛ ?
ପତି : କିଛି ନାହିଁ, ଖାଲିରେ ଏମିତି ବସିଥିଲି ତ, ଭାବିଲି.ତମ ସହିତ ଟିକେ ମଜା କରିଦେବି ।

× × × × ×

ମାଧବୀ: ବୁଝିଲ ସାବିତ୍ରୀ, ମୋ ସ୍ୱାମୀ କହୁଥିଲେ ମୁଁ ବାହାରେ ବେଶି ଖାଇବା ଯୋଗୁଁ କୁଆଡ଼େ ମୋଟୀ ହୋଇଗଲିଣି ।
ସାବିତ୍ରୀ: ତା'ହେଲେ କ'ଣ ତୁମେ ବାହାର ଖାଇବା ବନ୍ଦ କରି ଦେଇଛ ?
ମାଧବୀ: ହଁ, ପରା ଆଉ ବାହାରେ ନ ଖାଇ ସେଠୁ ଖାଦ୍ୟକୁ ପ୍ୟାକ୍ କରି ଆଣି ଏବେ ଘରେ ଖାଉଛି ।

## ମକାର ଉପକାରିତା

ସ୍ନାକ୍ସ ଖାଇବାକୁ ଚାହୁଁଛନ୍ତି ତ ମକା ସବୁଠାରୁ ଉତ୍ତମ ବିକଳ୍ପ । ଏହା ଖୁବ୍ ସ୍ୱାଦିଷ୍ଟ ଏବଂ ଏଥିରେ ରହିଛି ପ୍ରଚୁର ପରିମାଣର ଭିଟାମିନ୍, ମିନେରାଲସ ଓ ଅନ୍ୟାନ୍ୟ ପୌଷ୍ଟିକ ତତ୍ତ୍ୱ । ଏହା ଖାଲି ଯେ ଓଜନ କମ୍ କରିଥାଏ ତାହା ନୁହେଁ ବରଂ ଏଥିରେ ବହୁ ଗମ୍ଭୀର ରୋଗ ମଧ ଦୂର ହୋଇଥାଏ ।

ମକାର ଗୁଣ: ୧୦୦ ଗ୍ରାମ ମକାରେ ୮୬ କ୍ୟାଲୋରି, ୧% ଫ୍ୟାଟ୍, ୦% କୋଲେଷ୍ଟେରଲ, ୧୫ ମିଲିଗ୍ରାମ ସୋଡିୟମ, ୭% ପୋଟାସିୟମ, ୬% କାର୍ବୋହାଇଡ୍ରେଟ୍, ୧୦% ଡାଇଟରୀ ଫାଇବର, ୩.୨ ଗ୍ରାମ ସୁଗାର, ୬% ପ୍ରୋଟିନ୍, ୧୧% ଭିଟାମିନ୍ ସି, ୧% କ୍ୟାଲସିୟମ, ୨% ଲୌହ, ୫% ଭିଟାମିନ୍ ବି-୬ ଓ ୯% ମ୍ୟାଗ୍ନେସିୟମ ରହିଥାଏ । ଏହା ବ୍ୟତୀତ ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି ଇନ୍ଫ୍ଲାମେଟ୍ରି ଭଳି ଗୁଣ ମିଳିଥାଏ । ଯାହାକି ଆପଣଙ୍କୁ ବହୁ ରୋଗରୁ ରକ୍ଷା କରିଥାଏ ।

ଫାଇବରରେ ଭରପୁର: ମକାରେ ଭରପୁର ଡାଇଟରୀ ଫାଇବର ରହିଥାଏ, ଯାହା ପାଚନ କ୍ରିୟାକୁ ବଢ଼ାଇ ଦେଇଥାଏ ଓ କବ୍ଜ ସମସ୍ୟାରୁ ରକ୍ଷା କରିଥାଏ । ଆପଣ ସନ୍ଧ୍ୟାରେ ସ୍ନାକ୍ସ ଭାବେ କର୍ଣ୍ଣକୁ ସାଲାଡରେ କିମ୍ବା ସିଝା ଯାଇଥିବା ସିଟ୍ କର୍ଣ୍ଣ ଖାଇ ପାରିବେ ।

ରକ୍ତହୀନତା: ଏଥିରେ ଭିଟାମିନ୍ ବି ୧୨, ଆଇରନ ଓ ଫଲିକ ଏସିଡ ରହିଥାଏ, ଯାହାକି ଲାଲ ରକ୍ତ କଣିକାର ଉତ୍ପାଦନରେ ସହାୟତା କରିଥାଏ । ଏହାକୁ ଖାଇବା ଫଳରେ ରକ୍ତ କମି



ପୂରଣ ହୋଇଥାଏ । ଏମିତିରେ ଯଦି ଆପଣଙ୍କୁ ଆନେମିଆର ଭୟ ରହିଛି ତେବେ ଡାଏଟରେ କର୍ଣ୍ଣକୁ ନିଶ୍ଚୟ ସାମିଲ କରନ୍ତୁ ।

ଏନର୍ଜୀ ବୁଷ୍ଟର: ମକାରେ ଜଟିଳ କାର୍ବ୍ସ କମ୍ପ୍ଲେକ୍ସ ସ୍ୱାର୍ଚସ ରହିଥାଏ । ଯାହାକି ଶରୀରକୁ ଦୀର୍ଘ ସମୟ ଶକ୍ତି ପ୍ରଦାନ କରିଥାଏ । ଏଥିପାଇଁ ମକା ସାଲାଡକୁ ବ୍ରେକଫାଷ୍ଟରେ ସାମିଲ କରନ୍ତୁ ।

ହେଲଦୀ ସ୍କିନ୍: କର୍ଣ୍ଣରେ ଭିଟାମିନ୍ ସି' ଓ ଲାଇକୋପିନ୍ ରହିଛି ଯାହା ତ୍ୱଚାକୁ ସୁସ୍ଥ ରଖିଥାଏ । ଆପଣ ତ୍ୱଚାରେ ମକା ଷ୍ଟାର୍ଚ ଓ ମକା ତେଲ ମଧ ଲଗାଇ ପାରିବେ ।

ଓଜନ କମ୍ କରେ: ଯଦି ଆପଣ ଓଜନ ବଢ଼ାଇବାକୁ ଚାହୁଁଛନ୍ତି ତେବେ ମକା ଆପଣଙ୍କୁ ସହାୟତା କରିବ । ଏଥିରେ ପ୍ରଚୁର ପରିମାଣର କ୍ୟାଲୋରି ରହିଛି । ତା' ଛଡ଼ା ଆପଣଙ୍କ ଓଜନ କମ୍ କରିବାରେ ମଧ ମକା ସହାୟକ ହୋଇଥାଏ ।

କୋଲେଷ୍ଟେରଲ ନିୟନ୍ତ୍ରଣ: ମକ୍କାରେ ଭିଟାମିନ୍ ସି' କ୍ୟାରୋଟିନାଏଡ ଓ ଫାଇବର ରହିଥାଏ, ଯାହାକି ଶରୀରରେ କୋଲେଷ୍ଟେରଲ ଲେଭଲକୁ କମ୍ କରି ରକ୍ତ କୋଷିକାକୁ ସଫା କରିଥାଏ ଓ ହୃଦୟକୁ ସଠିକ୍ ଭାବେ କାମ କରିବାରେ ସହାୟକ ହୋଇଥାଏ ।

କ୍ୟାନସରରୁ ରକ୍ଷା: ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲେବୋନଏଡ୍ ଗୁଣ ରହିଛି, ଯାହାକି କ୍ୟାନସର ଭଳି ଗମ୍ଭୀର ରୋଗର ଆଶଙ୍କାକୁ କମ୍ କରିଥାଏ ।

## ଶରୀର ପାଇଁ ଭଲ କଫି

ଭାରାକ୍ରାନ୍ତ ମନକୁ ଅନେକାଂଶରେ ଫ୍ରି କରାଇଥାଏ କଫି ।

ପ୍ରତିଦିନ କଫି ପିଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହିବା ସହ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ ।

ଗୋଟିଏ କପ୍ କଫି ମସ୍ତିଷ୍କକୁ ଚିନ୍ତାମୁକ୍ତ ରଖିବାରେ ସାହାଯ୍ୟ କରେ । ଏଥିରେ ଥିବା ଆଡ୍ରେନାଲିନ୍ ନାମକ ଏକ ତତ୍ତ୍ୱ ଶରୀରରେ ରକ୍ତ ସଞ୍ଚାଳନକୁ ସୂଚାରୁ ରୂପେ ପରିଚାଳିତ କରିଥାଏ । ଫଳସ୍ୱରୂପ ମସ୍ତିଷ୍କ ଚିନ୍ତାମୁକ୍ତ ରହିଥାଏ ।

ଶରୀରର କ୍ଲାନ୍ତି ଦୂର କରିବା ପାଇଁ ଗୋଟିଏ କପ୍ କଫି ବେଶ୍ ସହାୟକ ହୋଇଥାଏ । ଏହା ବ୍ୟକ୍ତିକୁ ଫୁର୍ତ୍ତିର ସହ କାମ କରିବା ପାଇଁ ଶକ୍ତି ଯୋଗାଇଥାଏ ।

କଫିରେ ଏଭଳି ତତ୍ତ୍ୱ ରହିଛି ଯାହା ମସ୍ତିଷ୍କର ଡୋପାମାଇନ୍ ଏବଂ ସେରୋଟୋନିନ୍ ଉପରେ ପ୍ରଭାବ ପକାଏ । ଫଳରେ ମୁଡ୍ ଭଲ



ରହିଥାଏ ।

ମହିଳାମାନେ ପ୍ରତିଦିନ ୩ କପ୍ କିମ୍ବା ତା' ଠାରୁ ଅଧିକ କଫି ସେବନ କରିବା ଦ୍ୱାରା ସେମାନଙ୍କଠାରେ 'ବାସାଲ ସେଲ୍ କାର୍ସିନୋମା' ନାମକ ଏକ ତ୍ୱଚା ସମ୍ବନ୍ଧିତ ରୋଗର ଆଶଙ୍କା କମ୍ ଦେଖା ଦେଇଥାଏ ।

ପ୍ରତିଦିନ ୩୦୦-୫୦୦ ଗ୍ରାମ କେଫିନ୍ (କଫିରେ ଥିବା ଏକ ତତ୍ତ୍ୱ) ଖାଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ସକ୍ରିୟ ରହିଥାଏ । ଏହାଦ୍ୱାରା ହୃଦ୍‌ଘାତ ଆଶଙ୍କା କମ୍ ରହିଥାଏ । ଏହା ବ୍ୟତୀତ ଟାଇପ୍ ୨ ଡାଇବେଟିସ୍ ହେବାର ଆଶଙ୍କା ମଧ କମିଯାଇଥାଏ ।

କଫି ଯକୃତ (ଲିଭର) କୁ ସିରୋସିସ୍ (ଯକୃତ ସମ୍ବନ୍ଧିତ ଏକ ରୋଗ) ଠାରୁ ଦୂରେଇ ରଖିଥାଏ ।

ଏହା ଆଲଜିମର ଏବଂ ପାର୍କିନସନ୍ ଭଳି ରୋଗ ଦାଉରୁ ମଧ ସୁରକ୍ଷା ଦେଇଥାଏ ।

ଶରୀରର ଚର୍ବି କମାଇବାକୁ ଚାହୁଁଥିଲେ ପ୍ରତିଦିନର ଡାଏଟିଂରେ କଫିକୁ ସାମିଲ କରନ୍ତୁ । ଏଥିରେ ଥିବା କେଫିନ୍ ତତ୍ତ୍ୱ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

## କାନ୍ଦିବାରେ ରହିଛି ଉପକାରୀ ଗୁଣ

ମଣିଷ ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେଲେ ଆଖିରେ ଲୁହ ଆସିଯାଇଥାଏ । ଏହା ବ୍ୟତୀତ ନିକଟ ପରିଜନ କିମ୍ବା କୌଣସି ଲୋକପ୍ରିୟ ବ୍ୟକ୍ତିଙ୍କର ଦେହାନ୍ତକୁ ନେଇ ଦୁଃଖରେ ଭାଙ୍ଗିପଡି ଅନେକ କାନ୍ଦିଥାଆନ୍ତି । ହେଲେ ଏହାର କେତେକ ଉପକାରୀ ଗୁଣ ରହିଛି । ଅବଶ୍ୟ ଏକଥା ଜାଣିବା ପରେ କେହି କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ଆମେ ଟେନସନଗ୍ରସ୍ତ ହେବା ପରେ ଆମର ମାନସିକତା ନକାରାତ୍ମକ ହୋଇଯାଏ । ଏହି ସମୟରେ ଯଦି ଆପଣଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡିପଡେ ତେବେ ତାହା କେତେକାଂଶରେ ଟେନସନକୁ ଦୂର କରିଥାଏ । କିଛି ସମୟ କାନ୍ଦିବା ଫଳରେ ମନ କିଛି ପରିମାଣରେ ହାଲକା ହୋଇଯାଏ ଏବଂ ସଂପୃକ୍ତ ବ୍ୟକ୍ତି ନୂଆ ଜିନିଷ ଚିନ୍ତା କରିବାରେ ସକ୍ଷମ ହୋଇଥାଏ । ବେଳେବେଳେ କାନ୍ଦିବା ଦ୍ୱାରା ମନରେ କେତେକ ନୂଆ ଚିନ୍ତାଧାରା ମଧ ଉଦ୍ରେକ ହୋଇଥାଏ ।

## ସ୍ୱାସ୍ଥ୍ୟୋପକାରୀ ତେନ୍ତୁଳି

ତେନ୍ତୁଳିର ଖଟାମିଠା ସ୍ୱାଦ ନିଶ୍ଚୟ ସମସ୍ତଙ୍କ ପାଟିରୁ ଲାଳ ଗଡ଼ାଇଦେବ । ତେବେ ସ୍ୱାଦ ବ୍ୟତୀତ ଏହାର ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ଥିବା ଖୁବ୍ କମ୍ ଲୋକ ଜାଣନ୍ତି । ତେନ୍ତୁଳି ମଞ୍ଜିକୁ କ୍ଷୀରରେ ପୁରା ସିଝାଇଦେବେ ଯେପରି ତା' ଉପର ଚୋପା ଛଡ଼ାଇହେବ । ଏବେ ଏହାର ଧଳା ଅଂଶକୁ ବାଟି ଘିଅରେ ଭାଜି ଏଥିରେ ଅଳ୍ପ ମିଶ୍ରି ମିଶାଇ ରଖିଦିଅନ୍ତୁ । ଏହାକୁ ପ୍ରତିଦିନ ଅଳ୍ପ ଅଳ୍ପ ଖାଇଲେ ନପୁଂସକତା ସମସ୍ୟା ଦୂର ହୋଇଥାଏ ।



ଜୁଆଣି, ତେନ୍ତୁଳି ମଞ୍ଜି ଏବଂ ଗୁଡ଼ ସମାନ ପରିମାଣରେ ନେଇ ଏହାକୁ ଘିଅରେ ଭଲଭାବେ ଭାଜି ଦିଅନ୍ତୁ । ଏହାକୁ ମଧ ପ୍ରତିଦିନ ଅଳ୍ପଅଳ୍ପ ମାତ୍ରାରେ ଖାଇଲେ ନପୁଂସକତା ଦୂର ହୋଇଥାଏ ।

ପାଚିଲା ତେନ୍ତୁଳିର ଶସ ପ୍ରାୟ ୧୫ ଗ୍ରାମ ଜ୍ୱର ପୀଡିତଙ୍କୁ ଦେଲେ ଆରୋଗ୍ୟ ମିଳେ । ଏଥିରେ କିଛି ଅଳେଇଚ ଏବଂ ଖଜୁରୀ ମିଶାଇଲେ ଅଧିକ ପ୍ରଭାବଶାଳୀ ହୋଇଥାଏ । ଛାତି ପୋଡାଜଳା ହେଲେ ପାଚିଲା ତେନ୍ତୁଳି ରସରେ ମିଶ୍ରି ମିଶାଇ ପିଅନ୍ତୁ ଆରାମ ମିଳିବ । ତେନ୍ତୁଳି ପତ୍ର ଏବଂ ଫୁଲକୁ ଏକାଠି ପାଣିରେ ଫୁଟାଇ କାଢ଼ା ପ୍ରସ୍ତୁତ କରି ଜଣ୍ଡିସ୍ ରୋଗୀଙ୍କୁ ପିଇବାକୁ ଦେଲେ ଏହା ଆରାମ ଦିଏ । ସପ୍ତାହେ ପର୍ଯ୍ୟନ୍ତ ଦିନକୁ ଦୁଇଥର ଏହି କାଢ଼ା ପିଇଲେ ଜଣ୍ଡିସ୍ ରୋଗ ଉପଶମ ହୋଇଥାଏ ବୋଲି କୁହାଯାଏ ।

ଆଘାତ ଲାଗିଲେ କିମ୍ବା ମୋଡି ହୋଇଗଲେ ତେନ୍ତୁଳି ପତ୍ରକୁ ପାଣିରେ ସିଝାଇ ସେହି ପାଣିରେ ସେକ ଦେଲେ ଖୁବ୍ ଶୀଘ୍ର ଯନ୍ତ୍ରଣାରୁ ମୁକ୍ତି ମିଳେ ।

ପାଚିଲା ତେନ୍ତୁଳିକୁ ପାଣିରେ ପକାଇ ଏହାର ରସ ପ୍ରସ୍ତୁତି କରି ସେଥିରେ ଅଳ୍ପ କଳାଲୁଣ ମିଶାଇ ଖାଇଲେ ଭୋକ ହୁଏ । ପ୍ରତିଦିନ ଦୁଇଥର ଏପରି କଲେ ଭୋକ ହେଉ ନଥିବା ସମସ୍ୟା ଦୂର ହୋଇପାରେ ।

## ଆପଣ ଜାଣନ୍ତି କି ?

- ସି.ରାଜଗୋପାଳଚାରୀ ଭାରତରତ୍ନ ଲାଭ କରିଥିବା ପ୍ରଥମ ଭାରତୀୟ ।
- ଏଚ୍.କେ.କାନିଆ ଭାରତର ସୁପ୍ରିମକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ।
- ସତ୍ୟେନ୍ଦ୍ରନାଥ ଟାଗୋର ଭାରତର ପ୍ରଥମ ଆଇସିଏସ୍ ଅଫିସର ।
- ତେନଜିଂନରଗେ ଭାରତର ପ୍ରଥମ ଏଭାରେଷ୍ଟ ଶୃଙ୍ଗ ଆରୋହୀ ।
- ଶ୍ରୀମତୀ ଆରତି ଗୁପ୍ତା (ସାହା) ଇଂଲିଶଚ୍ୟାନେଲ ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ମହିଳା ।
- କର୍ଣ୍ଣମମାଲେଶ୍ୱରୀ ଅଲିମ୍ପିକରେ ପୁରସ୍କୃତ ହୋଇଥିବା ପ୍ରଥମ ଭାରତୀୟ ମହିଳା ।
- ଲୀଳାସେଠ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିବା ପ୍ରଥମ ଭାରତୀୟ ମହିଳା ।
- ଶ୍ରୀମତୀ ସୁଚେତା କୃପାଳିନୀ ଭାରତର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ।
- ସନ୍ତୋଷଯାଦବ ପ୍ରଥମ ଭାରତୀୟ ମହିଳା ଯେ ଦୁଇଥର ଏଭରେଷ୍ଟ ଶୃଙ୍ଗ ଆରୋହଣ କରିଥିଲେ ।
- ବେଙ୍ଗଲ ଗେଜେଟ୍ ଭାରତର ପ୍ରଥମ ସମ୍ବାଦପତ୍ର ।
- ଭାରତର ପ୍ରଥମ ଛାପାକଳ କଲିକତାରେ ପ୍ରତିଷ୍ଠା ହୋଇଥିଲା ।
- ଭାରତର ପ୍ରଥମ ଲୁଗାକଳ କଲିକତାରେ ସ୍ଥାପିତ ହୋଇଥିଲା ।
- ଭାରତର ପ୍ରଥମ ପରମାଣୁ ବିସ୍ଫୋରଣ ୧୯୭୪ରେ ହୋଇଥିଲା ।

## କହିପାରିବେ କି ?

(୧) ସବୁ ପ୍ରକାରର ବାୟୋଫୁଏଲ କେଉଁଥିରୁ ତିଆରି ହୁଏ ?
(୨) କେଉଁ ମସିହାରେ ପ୍ରଥମ ଏଥାନୋଲ ପାୱାର ଇଞ୍ଜିନ ତିଆରି ହୋଇଥିଲା ?
(୩) କେଉଁ ବାୟୋଫୁଏଲ ଉଡ୍ ଆଲକହଲ ଭାବେ ପରିଚିତ ?
(୪) କାହାକୁ ବାୟୋଗ୍ୟାସ୍ କୁହାଯାଏ ?
(୫) କେଉଁ ଦେଶ ଟି-୨୦ କ୍ରିକେଟରେ ଅଧିକ ସ୍କୋର କରିଛି ?
(୬) 'ଇଣ୍ଡିଆ ଭିନ ଡିଷ୍ଟ୍ରେସ୍' ପୁସ୍ତକର ଲେଖକ କିଏ ?
(୭) ନିକଟରେ କେଉଁ ଦେଶ 'ଆରଟିଜିଏସ୍' ଡଲାର ନାଁରେ ନୂଆଁ ମୁଦ୍ରା ଲଞ୍ଚ କରିଛି ?
(୮) ଏଏଚଏଫ୍ ପ୍ଲେୟାର ଅଫ୍ ଦ ଇୟର ଆୱାର୍ଡ ୨୦୧୮ କାହାକୁ ପ୍ରଦାନ କରାଯାଇଛି ?
(୯) ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକ କେଉଁଠି ଅବସ୍ଥିତ ?
(୧୦) ନିକଟରେ ଫ୍ୟୁଚର ଫର ନେସନ ଆୱାର୍ଡ କିଏ ଜିତିଛନ୍ତି ?

### JUMBLE WORDS

| | | | | | |
|---|---|---|---|---|---|
| 1) LRIGL | = | | 6) RSAHH | = | |
| 2) CDYEA | = | | 7) CEFNTI | = | |
| 3) DLHUED | = | | 8) FUNELG | = | |
| 4) TUTIFO | = | | 9) GNEEIN | = | |
| 5) TEHET | = | | 10) SUMBAH | = | |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୬୦୮୩ କି.ମି, ୨.୯ଟି, ୩.ଗୁଜୁରାଟ, ୪.୫୦ କି.ମି, ୫.ଆନ୍ଧ୍ର ପ୍ରଦେଶ, ୬.ଚନ୍ଦ୍ରମା, ୭.୧୯୪୫ ମସିହା, ୮.୫ , ୯. ହରପ୍ପା, ୧୦. ବିନୋବା ଭାବେ

***Jumble Words*** **ର ଉତ୍ତର :-**

(1) MUTTER (2) FUNGUS (3) VIGIL (4) MONEY (5) EXHALE
(6) SPLEEN (7) SNACK (8) MATCH (9) FONDUE (10) FURROW

# ବୈଦ୍ୟୁତିକ ନିରାପତ୍ତା ଏବଂ ଜନସଚେତନତା ସୃଷ୍ଟି କରିବା ପାଇଁ ଟିପିଡବ୍ଲୁଡିଏଲ୍ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ

ବୁର୍ଲା : ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡ଼ିଲ୍ ପକ୍ଷରୁ ନିଜ କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ଜିଲ୍ଲାବାସିନ୍ଦାଙ୍କ ମଧ୍ୟରେ ବୈଦ୍ୟୁତିକ ନିରାପତ୍ତା ଜନସଚେତନତା ସୃଷ୍ଟି କରିବା ପାଇଁ ଅନେକ ପଦକ୍ଷେପ ହାତକୁ ନିଆଯାଇ ଅଛି । ଏକ ଅଗ୍ରୀମ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ସୁରକ୍ଷା ଓ ଜନସଚେତନତାକୁ କମ୍ପାନୀ ପ୍ରାଥମିକତା ଦେଇ ଆସୁଅଛି । ଏହି ପରିପେକ୍ଷୀରେ ଗତ ନଭେମ୍ବର ମାସରେ ଝାରସୁଗୁଡ଼ା ଜିଲ୍ଲାର ୨୫ ଗୋଟି ଅଞ୍ଚଳରେ ହୁକ ପକାଇ ବିଦ୍ୟୁତ ଚୋରି କରିବା ଏକ ଅପରାଧ, ବିଦ୍ୟୁତ ମାଧ୍ୟମରେ ବନ୍ୟଜନ୍ତୁ ଶିକାର ନ କରିବା, ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ତଳେ ଘରନିର୍ମାଣ ନ କରିବା, ବିଦ୍ୟୁତ୍ ତାରରେ ଓଦା ପୋଷାକ ନ ଶୁଖାଇବା ଏବଂ ବିଦ୍ୟୁତ୍ ଖୁଣ୍ଟରେ ପଶୁ ନ ବାନ୍ଧିବା ଭଳି ପ୍ରସଙ୍ଗ ଉପରେ ପଥପ୍ରାନ୍ତ ନାଟକ ଜରିଆରେ ଜନସଚେତନତା ସୃଷ୍ଟି କରାଯିବାକୁ ଚେଷ୍ଟା କରାଯାଇଅଛି ।

ସେହିପରି ଗତମାସରେ କଳାହାଣ୍ଡି ଜିଲ୍ଲା ବ୍ୟାପି ସୁରକ୍ଷା ସଚେତନତା ରଥ ଭ୍ରମଣ କରିଅଛି । ଏହି ଭ୍ରମଣକାରୀ ରଥ ଜରିଆରେ ଜିଲ୍ଲାର ୨୦ଟି ସ୍କୁଲ ଏବଂ ୧୬୨ ଗ୍ରାମରେ ସଚେତନ ମୂଳକ ଭିଡିଓ ପ୍ରଦର୍ଶନ କରାଯାଇ ଜନସଚେତନତା ସୃଷ୍ଟି କରାଯିବାକୁ ଚେଷ୍ଟା କରାଯାଇଅଛି । ସେହିପରି ଡାକବାଜି ଯନ୍ତ୍ର ବଜାଇ ସମ୍ବଲପୁର ଜିଲ୍ଲାର ୫୩ଟି ଗ୍ରାମରେ ଜନ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି ।

ଏହାଛଡ଼ା ଟିପିଡବ୍ଲ୍ୟୁଡ଼ିଲ୍ କମ୍ପାନୀ ପକ୍ଷରୁ କଲେଜ ପଢୁଆ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବୈଦ୍ୟୁତିକ ନିରାପତ୍ତା ଓ ଜନସଚେତନାତର ତାଲିମ ଦିଆଯାଉଅଛି । ଏହି ପରିପେକ୍ଷୀରେ ବରଗଡ଼ ଜିଲ୍ଲା ସ୍ଥିତ ବରଗଡ଼, ବିଜେପୁର ଏବଂ ଭେଡ଼ନ୍ ଆଇଟିଆଇ କଲେଜର ୬୯ ଜଣ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇ ବୈଦ୍ୟୁତିକ ନିରାପତ୍ତା ଓ ଜନସଚେତନାତ ସୃଷ୍ଟି କରାଯାଉଛି । ଜଣେ ବିଦ୍ୟୁତ ସଚେତନ ନାଗରିକ ଭାବେ କମ୍ପାନୀ ପକ୍ଷରୁ ପ୍ରକାଶିତ ହ୍ୱାଟ୍ସଆପ୍ ନମ୍ବର (୮୦୯୩୦୪୯୪୧୦)ରେ ଅନୈତିକ ବିଦ୍ୟୁତ କାର୍ଯ୍ୟକଳାପ ଏବଂ ବିଦ୍ୟୁତ କର୍ମଚାରୀଙ୍କ ଅସୁରକ୍ଷିତ ଭାବେ ମରାମତି କାର୍ଯ୍ୟର ଫଟୋ ଉଠାଇ ପଠାଇବାକୁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି ।

## କୋଶଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ସୁବର୍ଣ୍ଣପୁର : ପଟାଭାଡ଼ିସ୍ଥିତ କୋଶଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ରୟାଲ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସୁବର୍ଣ୍ଣପୁର ପୌର ପରିଷଦ ର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଓ ଟାଉନଥାନା ଅଧିକାରୀ ପଦ୍ମାସିନୀ ମେହେର ଓ ପିତାମ୍ବର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ସଭାପତି ଶ୍ରୀବତ୍ସ ମଲ୍ଲିକ ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପରମା ନାଏକ ଅତିଥି ପରିଚୟ ରଖିବା ସହ ସମ୍ପାଦକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ଖେଳର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଅବିନାଶ ନାଏକ, ମଳୟ ଛନ୍ଦ, ରାଜେଶ ବଗର୍ତ୍ତୀ, ସଂଗୀତା ପଧାନ, ସ୍ମିତାରାଣୀ ନାୟକ, ଲିପି ସାହୁ, ରେଶ୍ମା ଭୁଏ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଇନଫିନିଟି ଅନୁଷ୍ଠାନର ସଭ୍ୟମାନେ ଉପସ୍ଥିତ ଥିଲେ ।

## ସମ୍ବଲପୁର ଜିଲ୍ଲା ରେଡକ୍ରସ ଶାଖାର କାର୍ଯ୍ୟନିର୍ବାହୀ କମିଟି ବୈଠକ

ସମ୍ବଲପୁର : ଜିଲ୍ଲା ରେଡକ୍ରସ ଶାଖା କାର୍ଯ୍ୟକାରିଣୀ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆର୍ଥିକ ଲକ୍ଷ୍ୟ ଓ ସଫଳତା, ରେଡ୍ କ୍ରସ୍ ଲାଇଫ୍‌ର ନୂଆ ସଦସ୍ୟଙ୍କ ନାମଲେଖା, ବୁର୍ଲାରେ ରେଡ୍ କ୍ରସ୍ ବିଶ୍ରାମ ଗୃହ, ଆହାର କେନ୍ଦ୍ର ବୁର୍ଲା ର ଦ୍ୱିତୀୟ ମହଲାରେ ସ୍ଥିତ ବିଶ୍ରାମ ଗୃହ ଉପରେ ପରିଚାଳନା, ବୁର୍ଲା ର ମାର୍କେଟ କମ୍ପ୍ଲେକ୍ସ, ମହାପ୍ରୟାଣ ବାହନର ପରିଚାଳନା, ଡାକ୍ତର ପର୍ଶୁରାମ ମିଶ୍ର ଛକରେ ସ୍ଥିତ ରେଡ୍ କ୍ରସ ଭବନ, ରେଡକ୍ରସ ଆକାଉଣ୍ଟ ଅଡିଟ୍ ଓ ଜିଲ୍ଲା ରେଡକ୍ରସ ଶାଖା ପାଇଁ ୱେବ୍‌ସାଇଟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଜିଲ୍ଲା ରେଡକ୍ରସ ଶାଖା ସମ୍ବଲପୁରର ସମ୍ପାଦକ ଜୟ ଜର୍ଜ, ରେଡକ୍ରସ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମୋ ସୁନା ଝିଅ କାର୍ଯକ୍ରମର ଶୁଭ ଉଦଘାଟନ

ସୁବର୍ଣ୍ଣପୁର : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ସ୍ୱାସ୍ଥ୍ୟ ପରିବାର ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ମୋ ସୁନା ଝିଅ କାର୍ଯକ୍ରମ କୁ ଜିଲ୍ଲାପାଳ ବିମଳେନ୍ଦୁ ରାୟ ଜିଲ୍ଲା ମାତୃ ଓ ଶିଶୁ ଚିକିତ୍ସାଳୟ ଠାରେ ଉଦଘାଟନ କରିଛନ୍ତି । ଜିଲ୍ଲାରେ ଶିଶୁ ମାନଙ୍କ ମଧ୍ୟରେ ଲିଙ୍ଗଗତ ତାରତମ୍ୟକୁ ରୋକିବା ନିମନ୍ତେ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ମୋ ସୁନା ଝିଅ କାର୍ଯ୍ୟକ୍ରମ ମାଧ୍ୟମରେ କନ୍ୟା ସନ୍ତାନ ମାନଙ୍କ ସୁରକ୍ଷା ଓ ଯତ୍ନକୁ ସୁଦୃଢ କରିବାକୁ ଜିଲ୍ଲାପାଳ ଶ୍ରୀ ରାୟ ଗୁରୁତ୍ୱାରୋପ କରିଛନ୍ତି । ନୂତନ ଭାବରେ ଉଦଘାଟିତ ହୋଇ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ସୋନପୁରରେ ଦାଖଲ ଥିବା ୧୫ ଜଣ ଶିଶୁକନ୍ୟାଙ୍କ ଦମ୍ପତିଙ୍କୁ ଶିଶୁର ପୋଷାକ, ଟୱାଲ୍, ମିଷ୍ଟାନ୍ନ ଏବଂ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମସ୍ତଙ୍କୁ ଶୁଭେଚ୍ଛା ଜଣେଇ ଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୂର୍ଯ୍ୟନାରାୟଣ ଦାଶ, ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାସ, ଡାକ୍ତର ପ୍ରକାଶ କୁମାର ଦଣ୍ଡସେନା, ଶିଶୁ ମଙ୍ଗଳ କମିଟି ସଭ୍ୟ ହେମନ୍ତ କୁମାର ସା, ଶାନ୍ତନୁ କର୍ଣ୍ଣ, ସମାଜ ସେବୀ ଶ୍ରୀବତ୍ସ ମାଲିକ, ରେଡ୍ ସାଧାରଣ ସମ୍ପାଦକ ଅନଙ୍ଗ ନେଗି, କାର୍ଯ୍ୟକ୍ରମ ଅଧିକାରୀଣୀ ଅନିତା ଗୁରୁ ପ୍ରମୁଖ ଉପସ୍ଥିତ ରହି କନ୍ୟା ସନ୍ତାନ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କାର୍ଯକ୍ରମ ପରିଚାଳନା କରିଥିଲେ ।

## 'ଜ୍ୟୋତି'ର ବିଶ୍ୱ ଭିନ୍ନକ୍ଷମ ଦିବସ

ସମ୍ବଲପୁର : ସ୍ୱେଚ୍ଛାକୃତ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ଅନୁଷ୍ଠାନ 'ଜ୍ୟୋତି' ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ସଭାପତି ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ମାଧ୍ୟମରେ ଭିନ୍ନକ୍ଷମଙ୍କ ଜୀବନରେ ପରିବର୍ତ୍ତନ ଆସିବା ସହ ସେମାନେ ସକ୍ଷମ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ବୋଲି କହିଥିଲେ । ଏଣୁ ସେମାନଙ୍କୁ ସ୍ନେହ ଆଦରର ସହ ସହଯୋଗର ହାତ ବଢ଼େଇବା ଆବଶ୍ୟକ ରହିଛି ବୋଲି କହିଥିଲେ । ପ୍ରଫେସର ମୀନକେତ ପାଠୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଭିନ୍ନକ୍ଷମଙ୍କ ଉନ୍ନତି କାମନା କରିଥିଲେ । ଏହି ଅବସରେ ଲଣ୍ଡନ ଫେରନ୍ତା ଦମ୍ପତି ବିନିକାର ବଧିର ବିଦ୍ୟାଳୟର ଅଧ୍ୟକ୍ଷ ଶିବାଜୀ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ପ୍ରଫେସର ଭଲ ବିକେ ଯେସନଙ୍କୁ 'ଜ୍ୟୋତିଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଂଯୋଜକ କଳ୍ପନା ମିଶ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ତାପସ ଦାସ, ଅଖିଳ ରଞ୍ଜନ ପଟ୍ଟନାୟକ, ଦୁର୍ଗା ଦାନୀ, ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ରତନ ବହିଦାର ଧନ୍ୟବାଦ ଦେଇଥିଲେ ।



## ଭିଏସଏସୟୁଟିରେ 'ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ

ବୁର୍ଲା : ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଯୋଜନା ରେ ସାଂସ୍କୃତିକ ଓ କ୍ରୀଡା କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏବଂ ସେମାନଙ୍କ ବୌଦ୍ଧିକ ବିକାଶ ଏବଂ ଅନ୍ତର୍ନିହିତ ଦକ୍ଷତାର ପରିସ୍ଫୁଟନ ନିମନ୍ତେ ସରକାରଙ୍କ 'ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କୁଳସଚିବ ପ୍ରଦୀପ ଡାଙ୍ଗ ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ରୋହିତ ପୂଜାରୀ, ପ୍ରାବନ୍ଧିକ ଡ଼କ୍ଟର ଦ୍ୱାରିକା ନାଥ ନାୟକ, କ୍ରୀଡ଼ାବିତ ଶ୍ରୀ ସୁନ୍ଦରମଣି ବାରିକ, ଡାକ୍ତର ଶଙ୍କର ରାମଚନ୍ଦନି, ବୁର୍ଲା ଟାଉନ ବିଜେଡି ସଭାପତି ଦେବାଶିଷ ନନ୍ଦ, ଡକ୍ଟର ତୃପ୍ତିରଂଜନ ମହାପାତ୍ର, ଡକ୍ଟର ପଦ୍ମନାଭ ଦାସ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶେଷରେ ନୋଡାଲ ଅଫିସର ଡ଼ ସୌଭାଗ୍ୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ୨୦୨୩




ସମ୍ବଲପୁର : ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ଅବସରରେ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କ ପାଇଁ ସହାୟତାର ହାତ ବଢ଼ାଇଥିବା ଡାକ୍ତର ଅଲେଖ ପ୍ରସାଦ ମହାପାତ୍ର, ପ୍ରବୀନ କୁମାର ନାୟକ, ମୁକେଶ ବିଶି, ରାମଦାସ ପଣ୍ଡା, ସୁବ୍ରତ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା, ଖିଡିରତ୍ନ ବେହେରା, ପ୍ରକାଶ କୁମ୍ଭାର, ସଚିନ ଦୀପ ଓ ରାକେଶ କୁସୁମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଆରଟିଓ ରାମଦାସ ଟୁଡୁ ସ୍ୱାଗତ ଭାଷଣ ଦେଇଥିଲେ । ଅତିରିକ୍ତ କମିଶନର ପରିବହନ ସଡ଼କ ସୁରକ୍ଷା ଲାଲମୋହନ ସେଠୀ ଓ ପରିବହନ ବୈଷୟିକ ବିଭାଗର ଅତିରିକ୍ତ କମିଶନର ଧନଞ୍ଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ତରାଞ୍ଚଳ ପରିବହନ ଉପକମିଶନର ସମରେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣପୁରରେ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ

ସୁବର୍ଣ୍ଣପୁର : ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଓ ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁରର ସହଯୋଗରେ ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହିତ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଚିତ୍ରକଳା ଗୁଡିକୁ ନେଇ ସୋନପୁର ପୁରୁଣା ଟାଉନ ହଲ ଠାରେ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଏକାଡେମୀ ସଦସ୍ୟ ଶ୍ୟାମ ସୁନ୍ଦର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ବରିଷ୍ଠ ଚିତ୍ର ଶିଳ୍ପୀ ବସନ୍ତ ପଣ୍ଡା, ବିଦ୍ୟାଧର ବର୍ମା, ଶିବ ପାଣିଗ୍ରାହୀ, ଅନନ୍ତି ପଣ୍ଡା, ଯତୀନ ଦାସ, ବଳଦେବ ମହରଥା, ଅରୁଣ ଜେନା, ମୁକ୍ତିପଦ ନନ୍ଦୀ ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ ୪୦ ଟି ଅନନ୍ୟ ଚିତ୍ରକଳା ସ୍ଥାନ ପାଇଥିଲା ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ 'କଳାୟତନ'ର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ 'ଧାର୍'





ସମ୍ବଲପୁର : ସୁନ୍ଦରଗଡ଼ର କଳାୟତନ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଦଳଗତ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ 'ଧାର୍' ଚାରିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ବଡବଜାରର ଗୌରୀ ଶଙ୍କର ସାହାଣୀ ପାର୍କ ସ୍ଥିତ ଓଡିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଆୟୋଜିତ ଏହି ପ୍ରଦର୍ଶନୀକୁ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟନ କରିଥିଲେ । ପୁରାତନ ଛାତ୍ର ଶୁଭମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ଭୋଳାନାଥ ନାଏକ, ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, କଳାୟତନର ଅଧକ୍ଷ ଶୀତଳ କୁମାର ମହାପାତ୍ର ଓ ଦୀପ୍ତି କୁମାର ସିଂ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅତିଥି ମାନେ ଯୁବ ପ୍ରତିଭା











ମାନଙ୍କର କଳାକୃତୀର ଉଚ୍ଚ ପ୍ରଶଂସା କରିବା ସହ ଏହି ଅଞ୍ଚଳର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପଶ୍ଚିମ ଓଡିଶାର ବରଗଡ, ବଲାଙ୍ଗିର, ସୋନପୁର, ସୁନ୍ଦରଗଡ, ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ୧୪ ଜଣ ଶିଳ୍ପୀଙ୍କ ପ୍ରାୟ ୫୦ଟି ଚିତ୍ରକଳା, ଭାସ୍କର୍ଯ୍ୟ କଳା, ମୁଦ୍ରଣ କଳା ଓ ଫଟୋଗ୍ରାଫି ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା । କଳାକାର ମାନେ ନିଜ ଜିଲ୍ଲାର କଳା ସୌନ୍ଦର୍ଯ୍ୟକୁ ନିଜର ଚିତ୍ରକଳା ଓ ମୂର୍ତ୍ତିକଳା ମାଧମରେ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରିଥିଲେ । ପଶ୍ଚିମ ଓଡିଶାର ଲୁଚିଯାଉଥିବା କଳା, ସଂସ୍କୃତି, ଚାଲିଚଳଣୀ, ବେଶ ଭୂଷା, ଅଳଙ୍କାର ତଥା ନାଚ ଗୀତ ଉପରେ ଆଧାରିତ ଚିତ୍ର ଗୁଡିକୁ ଏଥିରେ ସ୍ଥାନ ଦିଆଯାଇଥିଲା । କଳାୟତନର ପୁରାତନ ଛାତ୍ର ପ୍ରବୀଣ କୁମାର ମାଝୀ, ଶୁଭମ ସାହୁ, ସଚିନ୍ଦ୍ର ପ୍ରଧାନ, କୁଳଦୀପ ରାୟ, ମନୋରଞ୍ଜନ ନାଏକ, ଜଗନ୍ନାଥ ସେଠ, ପିଙ୍କୁ ପଟେଲ, ଅମୃତାଂଶୁ ଶେଖର କୁମାର, ପ୍ରଶାନ୍ତ ମିର୍ଦ୍ଧା, ଅଙ୍କୁର ଧୁରୁଆ, କୁନାଲ ସାହୁ, ଦିନେଶ କୁମାର ବିଶି, ଆଶିଷ କୁମାର ବୁଡ଼େକ ଓ ଜୟ ମେହେରଙ୍କ ଏଥିରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା, ସୁଧାଂଶୁ କୁମାର ନାଏକ ଓ ନୃସିଂହ ନାଥ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ । ଦେବଗଡ଼ ରାଣୀ ଅରୁନ୍ଧତୀ କୁମାରୀ ଦେବୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ ।

## ସମ୍ବଲପୁରରୁ ତୀର୍ଥରେ ଗଲେ ୯୭୦ ଜଣ ବରିଷ୍ଠ ନାଗରିକ

ସମ୍ବଲପୁର : ୮ଟି ଜିଲ୍ଲାର ୯୭୦ ଜଣ ବରିଷ୍ଠ ନାଗରିକ କୋଲକାତାର ଦକ୍ଷିଣେଶ୍ୱର କାଳୀ, କାମାକ୍ଷା ସହର ଭ୍ରମଣ ପାଇଁ ଯାଇଛନ୍ତି । କ୍ଷେତରାଜପୁର ଷ୍ଟେସନରୁ ଦେଇ ସ୍ୱାଗତ କରି ଟ୍ରେନରେ ବସାଯାଇଥିଲା । ଏହି ଟ୍ରେନରେ ତୀର୍ଥଯାତ୍ରୀମାନେ ୫ ଦିନ ଧରି କଲିକତା ଓ କାମାକ୍ଷା ଆଦି ସ୍ଥାନ ବୁଲି ୧୧ ଡିସେମ୍ବରରେ ଫେରିବେ । ଟ୍ରେନ





ବାହାରି ଥିବା ଏହି ଟ୍ରେନ ଯାତ୍ରାକୁ ମୁଖ୍ୟମନ୍ତ୍ରୀ ଭଡ଼ିଓ କନଫରେନ୍ସ ମାଧମରେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଯାତ୍ରା ପାଇଁ ସମ୍ବଲପୁର ରେଳ ଷ୍ଟେସନରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉତ୍ସବରେ ବରିଷ୍ଠ ନାଗରିକଙ୍କୁ ଫୁଲ ଚନ୍ଦନ ଭିତରେ ଥିବା ଯାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି । ପିଇବା ପାଣି, ଖାଦ୍ୟ ଓ ଔଷଧର ବ୍ୟବସ୍ଥା କରାଯାଇଛି ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗା ପ୍ରସାଦ ସାମନ୍ତରାୟ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲ୍ଲା ପରିଷଦ ଅଧକ୍ଷ କୁମଦିନୀ ନାୟକ, ଉତ୍ତରାଞ୍ଚଳ ରାଜସ୍ୱ କମିସନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ସମ୍ବଲପୁର ମହାନଗର ନିଗମ କମିସନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲ୍ଲାପାଳ ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବ୍ରହ୍ମାକୁମାରୀଜ୍ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ସମ୍ବଲପୁର : ବ୍ରହ୍ମକୁମାରୀଜ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମ୍ବଲପୁର ଶାଖା ପକ୍ଷରୁ ପାବନ ସରୋବର ଠାରେ 'ଖୁସି ମହିଳା ଖୁସି ପରିବାର' ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଉଣ୍ଟଆବୁର ବ୍ରହ୍ମକୁମାରୀଜ୍ ମହିଳା ଶାଖାର ଅଧକ୍ଷା ବ୍ରହ୍ମକୁମାରୀଜ୍ ଚକ୍ରଧାରୀ ଦିଦି, ମହିଳା ଶାଖାର ଜାତୀୟ ସଂଯୋଜିକା ଡକ୍ଟର ସବିତା ଦିଦି, ଲିଗାଲ ରାଇଟ୍ସ କାଉନସିଲର ପ୍ରାନ୍ତୀୟ ଅଧକ୍ଷା ତଥା ଦେବଗଡ଼ ସାଂସଦ ନୀତିଶ କୁମାର ଗଙ୍ଗଦେବଙ୍କ ଧର୍ମପତ୍ନୀ ଅରୁନ୍ଧତୀ କୁମାରୀ ଦେବୀ, ଭୁବନେଶ୍ୱରର ମାନସୀ ପ୍ରଧାନ, ବ୍ରହ୍ମକୁମାରୀଜ୍ ସମ୍ବଲପୁରର ସବଜୋନାଲ ନିର୍ଦ୍ଦେଶକ ବ୍ରହ୍ମକୁମାରୀଜ୍ ପାର୍ବତୀ ଦିଦି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବ୍ରହ୍ମକୁମାରୀଜ୍ ଦୀପାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁମାରୀ ପ୍ରିୟାନ୍ସି, ମନସ୍ୱୀ, ଅନ୍ୟା, ଆରାଧା, ନୃତ୍ୟ ପରିବେଷଣ କରିଥିଲେ ।




## ପର୍ଭା ନିର୍ମାଣ ପାଇଁ ସମଲେଶ୍ୱରୀ ମନ୍ଦିର ଦଶହରା କମିଟିର ଦାନ

ସମ୍ବଲପୁର : ସମଲେଶ୍ୱରୀ ମନ୍ଦିର ଦଶହରା କମିଟି ତରଫରୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ କୁ ୧୧ଲକ୍ଷ ୧୧ ହଜାର ୧୧୧ ଟଙ୍କା ମା ସମଲେଶ୍ୱରୀ ଓ ମା ଭୁବନେଶ୍ୱରୀଙ୍କ ପର୍ଭା ନିର୍ମାଣ କରିବାକୁ ମା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଶ୍ରୀ ସଞ୍ଜୟ ବାବୁଙ୍କୁ ପ୍ରଦାନ କରିଛନ୍ତି । ଏହି ଅର୍ଥ ରାଶି ପ୍ରଦାନ ସମୟରେ କମିଟି ର ସଭାପତି ଶ୍ରୀ ଅକ୍ଷୟ ରାୟ, ଉପସଭାପତି ଶ୍ରୀ ସଘନ ରାୟ, ସମ୍ପାଦକ ଶ୍ରୀ ସଞ୍ଜୀବ ସିଂ, କୋଷାଧକ୍ଷ ଶ୍ରୀ ବଣ୍ଟୁ ନାୟକ, ସହ କୋଷାଧକ୍ଷ ଆଶିଷ ରାୟ,ପୂଜକ ଅମ୍ବିକା ରାୟ ଏବଂ ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରେମରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଦଶହରା କମିଟି ଏହି ଅର୍ଥକୁ ମା ସମଲେଶ୍ୱରୀଙ୍କ ସେବାରେ ସମର୍ପଣ କରିଥିବାରୁ ଟ୍ରଷ୍ଟ ବୋର୍ଡ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra